# ଅଭିଯୋଗ ଶୁଣିଲେ, ସହାୟତା ଦେଲେ



ଜିଲାପାଳ ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଶୁଣୁଛନ୍ତି।

ରାୟଗଡ଼ା,୫।୮(ଆଶିଷ ରଞ୍ଜନ ପଣ୍ଡା)

- ୯୦ଅଭିଯୋଗ ଶୁଣିଲେ ଜିଲାପାଳ
- ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶ

ରାୟଗଡ଼ାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ହରିଶ ବି.ସି., ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ସିଡିଏମ୍‌ଓ ଡାକ୍ତର ଲାଲମୋହନ ରାଉତରାୟ ପ୍ରମୁଖ ୯୦ ଅଭିଯୋଗର ଶୁଣାଣି କରିଥିଲେ। ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ମନୋଜ ମହାଜନ ୬ ଜଣଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା କୋଷରୁ ଓ ୨ ଜଣଙ୍କୁ ରେଡ୍‌କ୍ରସରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିସହିତ ବିଭିନ୍ନ ଏସ୍‌ଏଚ୍‌ଜିଙ୍କୁ ସହାୟତା ଚେକ୍ ପ୍ରଦାନ କରାଯାଇଛି। ଏହାପରେ ହଲୁଆ ଗ୍ରାମରେ ଅନୁଷ୍ଠିତ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଜିଲାପାଳ ଯୋଗଦେଇ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରିଥିଲେ। ହିତାଧିକାରୀଙ୍କୁ ପଟ୍ଟା, ଭତ୍ତା, ମୃତ୍ତିକା କାର୍ଡ, ମିଶନ ଶକ୍ତି ମହିଳାଙ୍କୁ ଆର୍ଥିକ ସହାୟତା ଜିଲାପାଳ ପ୍ରଦାନ କରିଥିଲେ। ବନ ବିଭାଗ ପକ୍ଷରୁ ଚାରା ବିତରଣ କରାଯାଇଥିଲା। ସ୍ୱଚ୍ଛ ଭାରତ, ମିଶନ ଶକ୍ତି, କୃଷି, ସ୍ୱାସ୍ଥ୍ୟ, ପ୍ରାଣୀ ଓ ମତ୍ସ୍ୟ ସମ୍ପଦ, ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ଷ୍ଟଲ ଖୋଲାଯାଇ ଲୋକଙ୍କୁ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲା।

## ସୀମାନ୍ତ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବି

ରାୟଗଡ଼ା,(ଆଶିଷ ରଞ୍ଜନ ପଣ୍ଡା)

୭୦୦ ମିଟର ରାସ୍ତା ନ ଥିବାରୁ ଓଡ଼ିଶା–ଆନ୍ଧ୍ର ପ୍ରଦେଶ ସୀମାନ୍ତବର୍ତ୍ତୀ ଗ୍ରାମର ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ଏହି ରାସ୍ତା ନିର୍ମାଣ କରିବାକୁ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଭେଟି ଦାବି କରିଛନ୍ତି ଗ୍ରାମବାସୀ। ଅଭିଯୋଗ ପାଇବା ପରେ ଏନେଇ ଶୀଘ୍ର ରାସ୍ତା ନିର୍ମାଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ରାୟଗଡ଼ା ବ୍ଲକ ଅନ୍ତର୍ଗତ ଦୁର୍ଗାପାଡୁ ପଞ୍ଚାୟତର ପାଲମତୁଲସୀ ଗ୍ରାମଟି ଓଡ଼ିଶା–ଆନ୍ଧ୍ର ପ୍ରଦେଶ ସୀମାନ୍ତରେ ରହିଛି। ଏହି ଗ୍ରାମରୁ ଆନ୍ଧ୍ରପ୍ରଦେଶକୁ ଯୋଗାଯୋଗ କରୁଥିବା ୭୦୦ ମିଟର ରାସ୍ତା ଅତି ଶୋଚନୀୟ ହୋଇପଡିଛି। ଫଳରେ ବ୍ୟବସାୟ, ସ୍ୱାସ୍ଥ୍ୟ ସେବା ଓ ବିଭିନ୍ନ କାର୍ଯ୍ୟରେ ଯାତାୟାତବେଳେ ଗ୍ରାମବାସୀ ସମସ୍ୟା ଭୋଗୁଛନ୍ତି। ରାସ୍ତାର ଅବସ୍ଥା ଏତେ ଖରାପ ହୋଇପଡ଼ିଛି ଯେ, ଗାଡ଼ି ଯିବା ଦୂରର କଥା ଚାଲି ଚାଲି ଯିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ବର୍ଷା ଦିନେ ଏହି ରାସ୍ତା ଦେଇ କେହି ଯାତାୟତ କରିପାରୁ ନ ଥିବା କହନ୍ତି ପାଲମତୁଲସୀ ଗ୍ରାମବାସୀ। ସାମାନ୍ୟ ବର୍ଷା ହେଲେ ରାସ୍ତା କାଦୁଅରେ ଭରିଯାଏ। ଫଳରେ ଉକ୍ତ ରାସ୍ତାରେ ଅଟୋ, ବାଇକ୍ ଆଦିରେ ଯାତାୟାତ କରିବା ବିପଦପୂର୍ଣ୍ଣ ହୋଇପଡୁଛି।


ଶୋଚନୀୟ ଅବସ୍ଥାରେ ପାଲମତୁଲସୀ ଗ୍ରାମର ରାସ୍ତା।

## ବିଷମକଟକ ବିଧାୟକଙ୍କୁ ସମ୍ବର୍ଦ୍ଧନା


କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ମଞ୍ଚାସୀନ ଅନ୍ୟ ଅତିଥିମାନେ।

ବିଷମକଟକ, ୫।୮(ପ୍ରସନ୍ନ କୁମାର ପଣ୍ଡା)

ଭୁବନେଶ୍ୱର ରବିନ୍ଦ୍ର ମଣ୍ଡପରେ ଓଡ଼ିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ ଭୁବନେଶ୍ୱର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲା ବିଷମକଟକ ବିଧାୟକ ନୀଳମାଧବ ହିକକାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଅନ୍ୟତମ ଅତିଥି ରୂପେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବିଷମକଟକ ନିର୍ବାଚନ ମଣ୍ଡଳୀରେ ବିଧାୟକ ରୂପେ ନିର୍ବାଚିତ ହେବାର ଖୁବ୍ କମ୍ ଦିନ ମଧ୍ୟରେ ଲୋକଙ୍କ ସୁଖରେ, ଦୁଃଖରେ ଉପସ୍ଥିତ ହୋଇ ଲୋକଙ୍କ ସମସ୍ୟା ସମାଧାନ କରି ବିଧାୟକ ହିକକା ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛନ୍ତି।

## ପୋଲିସ ନ ଆସିବାରୁ ବ୍ୟବଚ୍ଛେଦ ନ ହୋଇ ୨୪ ଘଣ୍ଟା ପଡ଼ି ରହିଲା ମୃତଦେହ

କୋରାପୁଟ,୫।୮(ଅମିତାଭ ବେହେରା)

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ସୋମବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଠିକ ସମୟରେ ପୋଲିସ ନ ଆସିବାରୁ ବ୍ୟବଚ୍ଛେଦ ନ ହୋଇ ଏକ ମୃତଦେହ ୨୪ ଘଣ୍ଟା ଧରି ମେଡିକାଲରେ ପଡିରହିବା ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ ଗତ ୮ ମାସ ତଳେ ଜମିଜମା ଘଟଣାକୁ ନେଇ ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ଥାନା ଅନ୍ତର୍ଗତ ବାନ୍ଧମୁଣ୍ଡା ଗ୍ରାମର ୩ ଜଣ ମହିଳା ଓ ୩ଜଣ ପୁରୁଷ ମିଶି ତାଙ୍କ ବାପା ସମୁରାମ ଡଙ୍ଗି(୬୯)ଙ୍କୁ ରଡ଼ ଏବଂ ବାଡ଼ିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଭୀଷଣ ଆଘାତ ବାଜିବା ଯୋଗୁ ସେ ପାଗଳ ଭଳି ହୋଇଥିଲେ। ତାଙ୍କୁ ଜୟପୁର ଜିଲା ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ସମୁରାମଙ୍କ ମୁଣ୍ଡ ଅପରେଶନ କରାଯାଇଥିଲା। କିଛି ଦିନପରେ ସେ ଘରକୁ ଫେରିଥିଲେ। ହେଲେ ପୂର୍ବଭଳି ପୁଣି ପାଗଳାମି ବାହାରିବାରୁ ୧୫ ଦିନତଳେ ସମୁରାମଙ୍କୁ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ସନ୍ଧ୍ୟା ୭ଟାରେ ସମୁରାମଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ନ ଆସିଲେ ମୃତଦେହ ବ୍ୟବଚ୍ଛେଦ ହେବନାହିଁ ବୋଲି କହିବାରୁ ରାତିରେ ସମୁରାମଙ୍କ ପରିବାର ଲୋକେ ତେନ୍ତୁଲିଖୁଣ୍ଟି ଥାନାକୁ ଯାଇ ଏ ସମ୍ପର୍କରେ ଜଣାଇଥିଲେ। ମାତ୍ର ପୋଲିସ ଠିକ ସମୟରେ ନ ପହଞ୍ଚିବାରୁ ସୋମବାର ଅପରାହ୍ନ ୪ଟାରେ ପହଞ୍ଚିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନ ଥିଲା। ସୋମବାର ପୁଣି ମୃତଦେହ ବ୍ୟବଚ୍ଛେଦ ବନ୍ଦ ରହିଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି। ପୋଲିସ ଜାଣିଶୁଣି ହଇରାଣ କରୁଥିବା ସମୁରାମଙ୍କ ପୁଅ ନରେନ୍ଦ୍ର ଡ଼ଙ୍ଗରି ଅଭିଯୋଗ କରିଛନ୍ତି।

# ବଢ଼ି ଚାଲିଛି ବାଲି ଚୋରା ଚାଲାଣ

ରାୟଗଡା,୫।୮(ଆଶିଷ ରଞ୍ଜନ ପଣ୍ଡା)

### ଗତିପଥ ବଦଳାଇ ଜନବସତି ଛୁଆଁ ହେଉଛି ନଦୀ

ରାୟଗଡା ଜିଲାର ପ୍ରମୁଖ ଚିରସ୍ରୋତା ନଦୀରୁ ଚାଲିଛି ମନ ଇଚ୍ଛା ବାଲି ଖନନ। ଏହା ଉପରେ କୌଣସି ଅଙ୍କୁଶ ରହୁନାହିଁ। ଏଭଳିକି ପଡୋଶୀ ଆନ୍ଧ୍ରପ୍ରଦେଶ ରାଜ୍ୟକୁ ଦିନ ରାତି ବାଲି ଚାଲାଣ ହେଉଛି। ଫଳରେ ନଦୀ କୂଳ ଖାଇବା ସହିତ ଜନବସତି ଉପରେ ଏହାର ପ୍ରଭାବ ପଡୁଛି। ଅପର୍ଯ୍ୟାପ୍ତ ବାଲି ଚାଲାଣ ଯୋଗୁ ୨୦୧୭ ଜୁଲାଇ ୧୬ରେ ଭୟଙ୍କର ବନ୍ୟା ଆସି ବ୍ୟାପକ କ୍ଷତି ଘଟାଇଲା। ବନ୍ୟା ଯୋଗୁଁ ରାୟଗଡା, କୋଲନରା ଓ କଲ୍ୟାଣସିଂହପୁର ବ୍ଲକ ବେଶ ପ୍ରଭାବିତ ହୋଇଥିଲା। ବେଆଇନ ଭାବେ ବାଲି ଖନନ ଏହିଭଳି ଭୟଙ୍କର ବନ୍ୟା ଆସିଲା ବୋଲି ବିଶେଷଜ୍ଞମାନେ ସମୀକ୍ଷା ବେଳେ କହିଲେ। ତେବେ ଏନେଇ ସଜାଗ ରହିବା ବଦଳରେ ପୂର୍ବାପେକ୍ଷା ବହୁ ଗୁଣରେ ବେଆଇନ ବାଲି ଖନନ ବଢି ଚାଲିଛି। ନଦୀ ଗର୍ଭରୁ ମେସିନରେ ବାଲି ଖନନ କରି ଟ୍ରକ୍ ଓ ଟିପ୍ପର ଦ୍ୱାରା ଖୋଲାଖୋଲି ଆନ୍ଧ୍ରପ୍ରଦେଶକୁ ବାଲି ଚାଲାଣ କରାଯାଉଛି। ଆନ୍ଧ୍ରପ୍ରଦେଶର କିଛି ଅସାଧୁ ବ୍ୟବସାୟୀ ସ୍ଥାନୀୟ ବ୍ୟବସାୟୀଙ୍କ ସହିତ ମିଶି ଲିଜ୍ ଅଞ୍ଚଳ ବାହାରେ ମେଶିନରେ ବ୍ୟାପକ ଖନନ କରୁଛନ୍ତି। ଆନ୍ଧ୍ରପ୍ରଦେଶ ସରକାର ସେଠାକାର ନଦୀରେ ମନଇଚ୍ଛା ବାଲି ଖନନ ଉପରେ ରୋକ ଲଗାଇଛନ୍ତି। ଫଳରେ ବର୍ତ୍ତମାନ ଓଡ଼ିଶାର ବାଲି ଆନ୍ଧ୍ରରେ ସୁନା ପାଲଟିଛି। ଯେଉଁଠି ଗୋଟିଏ ଘାଟ ନିଲାମ ଦିଆଯାଇଛି ସେଠି ୮ରୁ ୧୦ଟି ଘାଟରେ ଖନନ ହେଉଛି। ଖଣି ବିଭାଗର ଅସାଧୁ କର୍ମଚାରୀଙ୍କ ସହ ହାତ ମିଶାଇ ମାଫିଆମାନେ ଆନ୍ଧ୍ରପ୍ରଦେଶକୁ ବାଲି ଚାଲାଣ କରି ଦୈନିକ ଲକ୍ଷାଧିକ ଟଙ୍କାର ମୁନାଫା କମାଉଥିବା ଅଭିଯୋଗ ହେଉଛି।

ଶେଷଖାଲ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ବାଲି ଖନନ ହେଉଛି। ଶେଷଖାଲ, ପିତାମହଲ, ଜେମାଦେଇପେଣ୍ଠ, କେରେଡ଼ା ପଂଚାୟତର ବିଭିନ୍ନ ସ୍ଥାନରୁ ମାଫିଆମାନେ ବାଲି ଖନନ କରୁଛନ୍ତି। ଗ୍ରାମବାସୀ ପ୍ରତିବାଦ କଲେ ନାଲିଆଖି ଦେଖାଉଥିବା ଅଭିଯୋଗ ହୋଇଛି। ସରକାରଙ୍କ ସମସ୍ତ ନିୟମ ଉଲ୍ଲଘଂନ କରି ବାଲି ଖନନ ଚାଲିଛି। ଫଳରେ ନଦୀର ଓସାର ଦିନକୁ ଦିନ ବଢ଼ିବା ସହ ଗତିପଥରେ ପରିବର୍ତ୍ତନ ଘଟି ଜନବସତି ଆଡ଼କୁ ମାଡ଼ିଆସୁଛି। ଗୁରୁରାଜଗୁଡ଼ା ଗାଁ ନଦୀ ଗର୍ଭରେ ଲୀନ ହୋଇଯାଇଥିବାବେଳେ ବର୍ତ୍ତମାନ ଅଣିଜା, ଖିଲିମିସିଗୁଡ଼ା ଭଳି ଅନେକ ଗାଁର ସେହି ସମାନ ଅବସ୍ଥା। ଆବଶ୍ୟକ ସ୍ଥାନରେ ନଦୀରେ ପାଣି ରହୁନାହିଁ।ଫଳରେ ଲୋକେ ଚାଷ କରିବାକୁ ପାଣି ପାଇଁ ଛଟପଟ ହେଉଛନ୍ତି। ଖଣି ବିଭାଗ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ବାଲି ଚାଲାଣ ରୋକିବାକୁ ଜିଲା ଖଣି ଅଧିକାରୀ କିମ୍ବା କର୍ମଚାରୀଙ୍କୁ ନେଇ ଏନଫୋର୍ସମେଣ୍ଟ ଟିମ୍ ଗଠନ ହୋଇନାହିଁ। ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ଜିଲା ଖଣି ବିଭାଗ ସର୍ବଦା ନିଜର ଅସହାୟତା ପ୍ରକାଶ କରୁଛି। କାରଣ ଚଢାଉ ପାଇଁ କର୍ମଚାରୀ ନାହାଁନ୍ତି ଓ କୌଣସି ଉପକ୍ରମ ମଧ୍ୟ ନାହିଁ। ଏଭଳିକି ନକଲି କାଗଜପତ୍ରରେ ଆନ୍ଧ୍ରପ୍ରଦେଶକୁ ବାଲି ଚାଲାଣ ନେଇ ଅଭିଯୋଗ ହେଉଛି। ଜିଲା ବାହାରର ୱାଇଫର୍ମ ଓ ବାରକୋଡ ବ୍ୟବହାର କରାଯାଉଛି। ଏ ସମ୍ପର୍କରେ ଜିଲା ଖଣି ଅଧିକାରୀ ପର୍ଶୁରାମ ପ୍ରଧାନଙ୍କୁ ପଚାରିବାରୁ ଅଭିଯୋଗ ମିଳିଲେ ଆମେ ତଦନ୍ତ କରୁଛୁ। ବର୍ତ୍ତମାନ ଏହାର ଅନୁଧ୍ୟାନ କରାଯିବ। କର୍ମଚାରୀ ଅଭାବ ଆମ ପାଇଁ ସମସ୍ୟା ସୃଷ୍ଟି କରୁଛି ବୋଲି ସେ କହିଛନ୍ତି।

## ୨ ମହିଳାଙ୍କୁ ନିର୍ଯାତନା ଅଭିଯୋଗ

ଜୟପୁର,୫।୮ (ପବନ ପାଣିଗ୍ରାହୀ)

୨ଜଣ ମହିଳା ନିର୍ଯାତନାର ଶିକାର ହେଉଥିବା ନେଇ ଜୟପୁର ମହିଳା ଥାନାରେ ଦୁଇଟି ଅଭିଯୋଗ କରିଛନ୍ତି। ମାଲକାନଗିରି ଜିଲା ମେଦ୍ରିସାହିର ସୁଲୋଚନା ସୁନା ୮ ବର୍ଷ ତଳେ ମୋହନ ସୁନାଙ୍କୁ ବିବାହ କରିଥିଲେ। ମୋହନ ତାଙ୍କୁ ଶାରୀରିକ, ମାନସିକ ଓ ଯୌତୁକ ନିର୍ଯାତନା ଦେଇ ଆସୁଥିଲେ। ଯୌତୁକ ପାଇଁ ସେ ୩ ଲକ୍ଷ ଟଙ୍କା ଦାବି କରୁଥିଲେ। ଦାବି ମୁତାବକ ସୁଲୋଚନା ୩ ଲକ୍ଷ ଆଣି ଦେଇଥିଲେ ହେଲେ ମଧ୍ୟ ତାଙ୍କ ପ୍ରତି ନିର୍ଯାତନା କମି ନ ଥିଲା। ମୋହନ ତାଙ୍କୁ ନିର୍ଯାତନ ଦେଇ ଘରୁ ବାହାର କରି ଦେଇଥିଲେ। ୮ ମାସ ହେବ ସୁଲୋଚନା ଭାଇଙ୍କ ଘରେ ରହୁଥିଲେ। ମୋହନ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିବା ପରେ ସୁଲୋଚନା ଥାନାର ଦ୍ୱାରସ୍ଥ ହୋଇ ଉପରୋକ୍ତ ଅଭିଯୋଗ କରିଛନ୍ତି। ସେହିପରି ଜୟପୁର ବାରିଣିପୁଟର ସଂଯୁକ୍ତା ମହାନନ୍ଦିଆ ୨୦୧୭ରେ ଅଜୟ ବାଘଙ୍କୁ ବିବାହ କରିଥିଲେ। ସଂଯୁକ୍ତାଙ୍କୁ ସ୍ୱାମୀ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ସେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ତଦନ୍ତ ଆରମ୍ଭ ହୋଇଛି ବୋଲି ଥାନା ଅଧିକାରୀ ଅନିତା କୁଜୁର କହିଛନ୍ତି।

## ବିଶ୍ୱ ବାଣିଜ୍ୟ ଦିବସ ଅବସରରେ ଆଲୋଚନାଚକ୍ର

ଗୁଣପୁର,୫।୮(ପ୍ରଦୀପ କୁମାର ପାଢୀ)

### ୬ ଛାତ୍ରୀଛାତ୍ର ଉପସ୍ଥାପନା କଲେ ସନ୍ଦର୍ଭ



ଜଣେ ଛାତ୍ରୀ ସନ୍ଦର୍ଭ ଉପସ୍ଥାପନା କରୁଛନ୍ତି।

ବିଶ୍ୱ ବାଣିଜ୍ୟ ଦିବସ ଅବସରରେ ସୋମବାର ରାୟଗଡା ଜିଲା ଗୁଣପୁର କଲେଜ ବାଣିଜ୍ୟ ବିଭାଗ ପକ୍ଷରୁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜର ଅଧ୍ୟକ୍ଷ ଶଶୀ ଭୂଷଣ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ୨୦୨୪–୨୫ କେନ୍ଦ୍ର ବଜେଟକୁ ନେଇ ଏହି ଆଲୋଚନା ଚକ୍ର ହୋଇଥିଲା। ଖୁସିଲତା ସୂର୍ଯ୍ୟ ସାହୁକାର, ରତ୍ନପୂର୍ଣ୍ଣା ଷଡଙ୍ଗୀ, ତାରୀଣି ସାହୁ, ଅରୁଣ କାଦାମ୍ବାଲୁ, ଅକ୍ଷୟ ଦଳେଇ ଏବଂ ବିଶ୍ୱନାଥ ଶବର ପ୍ରମୁଖ ୬ଜଣ ଛାତ୍ରୀଛାତ୍ର ସନ୍ଦର୍ଭ ଉପସ୍ଥାପନା କରିଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରସଙ୍ଗରେ ବକ୍ତାମାନଙ୍କୁ ପ୍ରଶ୍ନ ପଚାରିଥିଲେ। ଅଧ୍ୟାପକ ବିକାଶ ରଞ୍ଜନ ଭୂୟାଁ କେନ୍ଦ୍ର ବଜେଟର ଉପକାରିତା ଉପରେ ମତ ରଖିଥିଲେ। ବିଭାଗୀୟ ମୁଖ୍ୟ କାଶୀ ବିଶ୍ୱନାଥ ମହାଙ୍କୁଡ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଷୟରେ ମାର୍ଗଦର୍ଶନ କରିଥିଲେ। ଅଧ୍ୟାପିକା ଚିତ୍ରା ମିଶ୍ର ସ୍ୱାଗତ ସୂଚନା ଦେଇଥିବା ବେଳେ ରଞ୍ଜୁମା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଅସଡା ପଞ୍ଚାୟତରେ ଜନ ଶୁଣାଣି ଶିବିର

ଗୁଡାରି, ୫।୮(ପ୍ରମୋଦ କୁମାର ପତି )

ଗୁଡାରି ବ୍ଲକ ଅନ୍ତର୍ଗତ ଅସଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଗ୍ରାମ ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଡିଓ ଅନିଶା ଦାସ, ତହସିଲଦାର ଏ. ସ୍ନେହଲତା, ସରପଞ୍ଚ ସୁଦାମ ଶବର, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବର, ବିପିଏମ ମାନସ ବାରିକ,ଏପିଓ ବିସିକେଶନ ଲିମା, ସିଡିପିଓ ଅନିତା ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ସମସ୍ତ ଅଭିଯୋଗ ଶୁଣିଥିଲେ। ଶିବିରରେ ୫୯ଟି ଅଭିଯୋଗ ଶୁଣାଣି ପାଇଁ ପଞ୍ଜୀକୃତ ହୋଇଥିଲା। ଆସିଥିବା ଅଭିଯୋଗଗୁଡିକୁ ଭିତ୍ତି କରି ସମସ୍ୟାଗୁଡିକର ଶୀଘ୍ର ସମାଧାନ କରିବାକୁ ବିଡ଼ିଓ ଦାସ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଅସଡା ପିଇଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ ଖାଦ୍ୟ ଷ୍ଟଲକୁ ବିଡ଼ିଓ ଦାସ ଓ ତହସିଲଦାର ଏ. ସ୍ନେହଲତା ପରିଦର୍ଶନ କରିଥିଲେ। ସିଡିପିଓ ଅନିତା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସେକ୍ଟରର ସମସ୍ତ ଅଙ୍ଗନୱାଡି କର୍ମୀ ସହଯୋଗ କରିଥିଲେ। ଷ୍ଟଲରେ ଗର୍ଭବତୀ, ପ୍ରସୂତି ମା ଏବଂ ଶୂନ ରୁ ୬ ବର୍ଷ ବୟସର ପିଲାମାନଙ୍କ ନିମନ୍ତେ ବିଭିନ୍ନ ପ୍ରକାର ପୁଷ୍ଟିକର ଖାଦ୍ୟ ପ୍ରଦର୍ଶିତ ହୋଇଥିଲା।


ଜନଶୁଣାଣି ଶିବିରରେ ବିଡିଓଙ୍କ ସମେତ ଉପସ୍ଥିତ ଥିବା ଅଧିକାରୀମାନେ।

# ବଢୁଛି ଅଜଣା ପୋକ କାମୁଡ଼ା ଆକ୍ରାନ୍ତଙ୍କ ସଂଖ୍ୟା, ସଚେତନ ଦାବି

ମୁନିଗୁଡ଼ା,୫।୮ (ନନ୍ଦ କିଶୋର ପଟ୍ଟନାୟକ)

### ମୁନିଗୁଡ଼ାରେ ଅଭିଯୋଗ ଶୁଣାଣି

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ କାର୍ଯ୍ୟାଳୟରେ ମୁନିଗୁଡ଼ା ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କରାଯାଇଛି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଞ୍ଜନ ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁନିଗୁଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡ୍ରୁକା ମୁଖ୍ୟ ଅତିଥି, ବିଡିଓ ପ୍ରୀତମ କୁମାର ତନ୍ତୀ, ତହସିଲଦାର ଏମ୍.ଅନୁରାଧା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ୫୨ ଅଭିଯୋଗ ଶୁଣିଥିଲେ। ରାସ୍ତା, ଗମନାଗମନ, ପାନୀୟଜଳ, ଆବାସ ଯୋଜନା, ଭତା, ରାଶନ କାର୍ଡ, ଜମିପଟ୍ଟା ସମସ୍ୟା ସମ୍ବନ୍ଧିତ ଅଭିଯୋଗ ରହିଥିଲା। ଯେଉଁ ଅଭିଯୋଗଗୁଡ଼ିକ ଜିଲାସ୍ତରୀୟ ସମାଧାନ ଦିଗରେ ତ୍ୱରାନ୍ୱିତ ହେବ ତାହାକୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଯେଉଁଗୁଡ଼ିକ ବ୍ଲକସ୍ତରରେ ସମାଧାନହେବ ସେଗୁଡ଼ିକୁ ତୁରନ୍ତ ସମାଧାନ କରାଯିବ ବୋଲି ବିଡିଓ କହିଛନ୍ତି।

ଅଜଣା ପୋକ କାମୁଡ଼ାରେ ଅନେକ ଲୋକ ଗୁରୁତର ହୋଇ ଭୁବନେଶ୍ୱର, ବ୍ରହ୍ମପୁରସ୍ଥିତ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ପାଇକ ସାହିର ମଦନ ବେହେରାଙ୍କ ସ୍ତ୍ରୀଙ୍କର ମୃତ୍ୟୁ ହୋଇଛି। ମୁନିଗୁଡ଼ା ମର୍ଚ୍ଚେଣ୍ଟ ଆସୋସିଏସନ ପକ୍ଷରୁ ମୁନିଗୁଡ଼ାରେ ଦିନକୁ ଦିନ ବୃଦ୍ଧି ପାଉଥିବା ଅଜଣା ପୋକ କାମୁଡ଼ା ରୋଗ ନିରାକରଣ ପ୍ରତି ଜନ ସଚେତନତା କାର୍ଯ୍ୟକ୍ରମ କରିବାକୁ ଦାବି ହୋଇଛି। ଭୁଶୁଡ଼ି ପଡ଼ିଥିବା ଟ୍ରାଫିକ ସମସ୍ୟା ଓ ଗୋବର୍ଦ୍ଧନ ଛକ ପେଟ୍ରୋଲପମ୍ପ ନିକଟରେ ଟ୍ରାଫିକ ପୋଷ୍ଟ ସ୍ଥାପନ,ପାଇକ ସାହି, ଖମଣସାହି, ଗୌଡ଼ସାହିର ପକ୍କା ଡ୍ରେନ୍ ନିର୍ମାଣ ନେଇ ଦାବି କରାଯାଇଛି। ବୁଲା ଗୋରୁ ମୁନିଗୁଡ଼ା ବସ୍‌ଷ୍ଟାଣ୍ଡରୁ ଗୋବର୍ଦ୍ଧନ ଛକ ପର୍ଯ୍ୟନ୍ତ ରାସ୍ତାରେ ରହୁଥିବା ଏବଂ ବେଆଇନ ଗାଡ଼ି ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ଉପୁଜୁଛି। ଏଥିସହ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିବା ନେଇ ଲିଖିତ ଅଭିଯୋଗ ହୋଇଛି। ଏହାର ଶୀଘ୍ର ସମାଧାନ ପାଇଁ ଦାବି କରାଯାଇଛି। ବିଭିନ୍ନ ସମସ୍ୟାକୁ ନେଇ ବ୍ୟକ୍ତିଗତ ଭାବେ ମର୍ଚାଣ୍ଟ ଆସୋସିଏଶନ ସଭାପତି ଚିନ୍ତାମଣି ସାହୁ, ସମ୍ପାଦକ ବଳରାମ ନାୟକ, ପ୍ରଭାତ ପାଣିଗ୍ରାହୀ, ଚିତ୍ତରଞ୍ଜନ ଦାସ, କେ.ସତ୍ୟନାରାୟଣ ରାଓ, ବାଲାଜୀ ପାତ୍ରଙ୍କ ସମେତ ଅନ୍ୟ ସଦସ୍ୟମାନେ ମୁନିଗୁଡ଼ା ମେଡିକାଲ ଅଫିସର ଆଶିଷ କୁମାର ପଣ୍ଡା ଓ ଥାନାଧିକାରୀ ସୌଦାମିନୀ ବେହେରା,ଏସ୍‌ଆଇ ମନୋରଞ୍ଜନ ବିଶ୍ୱାଳଙ୍କ ସହ ସମାଧାନ ନିମନ୍ତେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁନିଗୁଡା ସରପଞ୍ଚ ସରସ୍ୱତୀ ଶବର, ଗୋଷ୍ଠୀ କଲ୍ୟାଣ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ଓଡ଼ିଶା ଜୀବିକା ମିଶନ ଅଧିକାରୀ କ୍ଷୀରୋଦ ଭୂୟାଁ, ଆର୍‌ଡି ବିଭାଗ କନିଷ୍ଠ ଯନ୍ତ୍ରୀ ସୁଜ୍ଞାନୀ ବେହେରା,ଫରେଷ୍ଟର ସୌଦାମିନୀ ମଣ୍ଡାଙ୍ଗୀ,ବ୍ଲକ ଏପିଓ ବିନୟ ପାଣି, ସାମାଜିକ ସୁରକ୍ଷା ବିଭାଗର କଳ୍ପନା ସାହୁ, ସିଡିପିଓ ଡାଳିମ୍ବ ନାୟକ, ଏବିଇଓ ପ୍ରସନ୍ନ କୁମାର ପାତ୍ର, ଯୋଗାଣ ଅଧିକାରୀ, ରାଜସ୍ୱ ନିରୀକ୍ଷକ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।


ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

# ମେଗା ପାନୀୟ ଜଳ ପ୍ରକଳ୍ପ ସମସ୍ୟା ସମାଧାନ ନିର୍ଦ୍ଦେଶ

କୁନ୍ଦୁରା,୫।୮ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭି.କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଶୁଣାଣିରେ ଏସ୍‌ପି ଅଭିନବ ସନକର, ଜିଲା କୃଷି ଅଧିକାରୀ ଦେବାଶିଷ ପଟ୍ଟନାୟକ, ସିଡିଏମ୍‌ଓ ସୁଶାନ୍ତ ଦାସ, କୁନ୍ଦୁରା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ପରଜା, ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ବିଡିଓ କପିଳେଶ୍ୱର ତାଣ୍ଡି, ତହସିଲଦାର ବିନୋଦ ଚନ୍ଦ୍ର ନାୟକ ଏବଂ ଜିଲା ତଥା ବ୍ଲକ୍‌ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଶୁଣାଣି ପାଇଁ ମୋଟ ୭୫ଟି ଅଭିଯୋଗ ଆସିଥିଲା। ସେଥିରୁ ୪୨ଟି ବ୍ୟକ୍ତିଗତ ଏବଂ ୩୩ଟି ସାମୂହିକ ସମସ୍ୟା ସମ୍ବଳିତ ଅଭିଯୋଗଥିଲା। କୁନ୍ଦୁରା ବ୍ଲକ୍ ଫୁଫୁଗାଁଠାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଜାରି ଥିବାବେଳେ ବେପରୁଆ ଏବଂ ନିମ୍ନମାନର କାର୍ଯ୍ୟ ହେଉଥିବା ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ। ଏନେଇ ରହିଥିବା ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଜିଲାପାଳ ପାନୀୟ ଜଳ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। କେରିମିଟି ପଞ୍ଚାୟତ କେନ୍ଦୁଗୁଡା ଗ୍ରାମର ଅନାଥ ଗୁରୁବାରି ଦୁରୁଆ ଆବାସ ଏବଂ ଭତ୍ତା ନିମନ୍ତେ



କୋରାପୁଟ ଜିଲାପାଳ ଲୋକଙ୍କଠାରୁ ଅଭିଯୋଗ ଶୁଣୁଛନ୍ତି।

ବାରମ୍ବାର ଲିଖିତ ଆବେଦନ କରିଥିଲେ ସୁଦ୍ଧା ଏଯାଏ ତାଙ୍କୁ ମିଳିନାହିଁ। ତାଙ୍କର ଗୋଟିଏ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ଅନ୍ୟଟି ୭୦ଭାଗ ଦେଖାଯାଉଛି। ଏହା ଦେଖି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅଗଷ୍ଟ ୧୬ରେ ଜୟପୁର ଆସି ଭିନ୍ନକ୍ଷମ ପ୍ରମାଣପତ୍ର ନେଇ ଭତ୍ତା ଆବେଦନ କରିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ସ୍ଥାନରୁ ଅଣ ସ୍ୱୀକୃତିପ୍ରାପ୍ତ କମ୍ପାନୀ କର୍ମଚାରୀ ଗ୍ରାମକୁ ଗ୍ରାମ ବୁଲି ଚାଷୀଙ୍କୁ ନକଲି ଔଷଧ ଦେବା, ଜିଲା କୃଷି ଅଧିକାରୀଙ୍କ ଅନୁମତି ନେଉ ନ ଥିବା, ଡଙ୍ଗରପାଉଁଶି ପଞ୍ଚାୟତ ଭେଜାହାଣ୍ଡି ଗ୍ରାମର ଧୀରଜ ପାଢ଼ୀ ୭୦ ଦିନ ଯାଏ କାଣ୍ଡବିନ୍ଧା ରୋଗ ନ ହେବା ପାଇଁ ୨୦ ପ୍ୟାକେଟ ଧାନରେ ଲୁମିଭ୍ୟା ନାମକ କୀଟନାଶକ ପ୍ରୟୋଗ କରିଥିଲେ। ମାତ୍ର ଏହାଦ୍ୱାରା ଧାନ ତଳି ପାଇଁ ପଡ଼ିଥିବା ଧାନ ସମ୍ପୂର୍ଣ୍ଣ ଖରାପ ହୋଇଗଲା। ଏ ବିଷୟରେ ସମ୍ପୃକ୍ତ କମ୍ପାନୀରେ କାର୍ଯ୍ୟ କରୁଥିବା ସୁଧାକର ପଟ୍ଟନାୟକଙ୍କୁ ପଚାରିବାରୁ ସେ ତାଙ୍କୁ ଧମକଚମକ ଦେଉଛନ୍ତି ବୋଲି ଅଭିଯୋଗ କରିଥିଲେ। ଜିଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କୁନ୍ଦୁରା ବ୍ଲକ ସାଥୀ ସାମାଜିକ ସଂଗଠନ ଦ୍ୱାରା ବରଗୁଡାରେ ଅଧାପନ୍ତରିଆ ହୋଇ ରହିଥିବା ହୋମିଓ ଚିକିତ୍ସାଳୟ ନିର୍ମାଣ, କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ଟି ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଏବଂ କୁନ୍ଦୁରା ବ୍ଲକର ବିଭିନ୍ନ ପଞ୍ଚାୟତରେ ଖାଲି ପଡ଼ିଥିବା ଜିଆର୍‌ଏସ୍ ଓ ଯୋଗାଣ ସହାୟକ ପଦବୀ ପୂରଣ ପାଇଁ ଲୋକେ ଲିଖିତ ଅଭିଯୋଗ କରିଥିଲେ।

ଘୁମର ପଞ୍ଚାୟତର ଶତାଧିକ ଲୋକଙ୍କୁ ୨୦୧୦ରେ ନକଲି ପଟ୍ଟା ଦେଇ ବିଭାଗ ଠକିଥିଲା। ଏହି ପଟ୍ଟା କୌଣସି କାର୍ଯ୍ୟରେ ଆସି ନ ଥିଲା। ଠିକ ପଟ୍ଟା ପାଇବାକୁ ଘୁମର ପଞ୍ଚାୟତବାସୀ ଜିଲାପାଳଙ୍କୁ ନିବେଦନ କରିଥିଲେ। ଏହାର ସମାଧାନ କରିବାକୁ ଜିଲାପାଳ କୁନ୍ଦୁରା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜବାପଦାର ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ଛୋଟ ପିଲାଙ୍କ ପାଇଁ ଆସୁଥିବା ଛତୁଆ ଚୋରା

## କୁନ୍ଦୁରାରେ ଜିଲାପାଳଙ୍କ ମିଳିତ ଜନଶୁଣାଣି

ଚାଲାଣ ହେଉଥିବା ନେଇ ବିଡିଓ ଏବଂ ସିଡିପିଓଙ୍କୁ ଗ୍ରାମବାସୀ ଲିଖିତ ଭାବେ ଜଣାଇବା ପରେ ଏଯାଏ କୌଣସି ସୁଫଳ ମିଳୁ ନ ଥିବା ଜବାପଦାର ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଦିଗାପୁର, ଘୁମର ଓ ମସିଗାଁ ପଞ୍ଚାୟତ ପାଇଁ ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଦିଗାପୁରଠାରେ ୨ ବର୍ଷ ହେବ ନିର୍ମାଣ ଅପେକ୍ଷାରେ ରହିଛି, ତାହା ତୁରନ୍ତ ଆରମ୍ଭ କରିବାକୁ ପଞ୍ଚାୟତବାସୀ ଦାବି କରିଥିଲେ। ଗୁପ୍ତେଶ୍ୱର ଶୈବପୀଠରେ ଲକ୍ଷାଧିକ ଟଙ୍କା ଶ୍ରଦ୍ଧାଳୁଙ୍କଠାରୁ ବିଭିନ୍ନ ମାଧ୍ୟମରେ ଆଦାୟ କରାଯାଉଛି, ମାତ୍ର ଉଚିତ ବ୍ୟବସ୍ଥା କରାଯାଉନାହିଁ। ଫଳରେ ଶ୍ରଦ୍ଧାଳୁମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏ ଦିଗରେ ଜିଲା ପ୍ରଶାସନ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଶିବିରରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାସ୍ତାଘାଟ, ପାନୀୟ ଜଳ ସମସ୍ୟା, କୁନ୍ଦୁରାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବସ୍ ସେବା, କୁନ୍ଦୁରାରେ ଷ୍ଟେଟ୍ ବ୍ୟାଙ୍କର ଏକ ଶାଖା ଖୋଲିବା, ଶାସ୍ତ୍ରୀ ମଇଦାନର ଉନ୍ନତୀକରଣ, ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ନ ମିଳିବା ଭଳି ଅନେକ ଅଭିଯୋଗ ଜିଲାପାଳ ଗ୍ରହଣ କରିଥିଲେ।

# ବାଲ୍ୟବିବାହ ରୋକିଲା ପ୍ରଶାସନ

ଦଶମନ୍ତପୁର, ୫।୮ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପରଜାବେଡ଼ା ପଦର ପଞ୍ଚାୟତର ବି.ନୂଆଗୁଡା ଗ୍ରାମରେ ପ୍ରଶାସନ ସୋମବାର ଏକ ବାଲ୍ୟବିବାହକୁ ରୋକିଛି। ନୂଆଗୁଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ନାବାଳକ ପୁଅ (୧୬)ଙ୍କ ସହ ପୂର୍ବ ପ୍ରସ୍ତୁତି ଅନୁସାରେ ଲୁଲ୍ଲା ପଞ୍ଚାୟତ ମାରିଚମାଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ୧୯ ବର୍ଷର ଝିଅଙ୍କ ବିବାହ କରିବା ପାଇଁ ପ୍ରସ୍ତୁତି କରାଯାଉଥିଲା। କୋରାପୁଟ ଏକତା ସ୍ୱେଚ୍ଛାସେବୀ ଅନୁଷ୍ଠାନର କ୍ଷେତ୍ର ସଂଯୋଜକ ବେଣୁଧର ନାୟକ ଏବଂ ଲୁଲ୍ଲାରେ କାର୍ଯ୍ୟରତ ଏକତା ସ୍ୱେଚ୍ଛାସେବୀ ମକର ମୁଦୁଲି ନୂଆଗୁଡା ଗ୍ରାମର ଏକ ବିଦ୍ୟାଳୟକୁ ଅନୁଧାନ ପାଇଁ ଯାଇଥିବା ବେଳେ ବାଲ୍ୟବିବାହ ହେଉଥିବା ନେଇ ସୂଚନା ପାଇଥିଲେ। ଉଭୟେ ଶିଶୁ ବିଭାଗକୁ ଏ ସମ୍ପର୍କରେ ଜଣାଇଥିଲେ। ବ୍ଲକ ସମନ୍ୱିତ ଶିଶୁ ବିଭାଗ ଅଧିକାରୀ ଶକୁନ୍ତଳା ଦାସଙ୍କ ନିର୍ଦ୍ଦେଶରେ ଲୁଲ୍ଲା ଓ ପରଜାବେଡାପଦର ପଞ୍ଚାୟତ ସୁପରଭାଇଜର ଅଖବତୀ ମୁସ୍କା ଏବଂ ସୁକାନ୍ତି କୁଲିସିକା ଘଟଣା ସ୍ଥଳରେ ପହଞ୍ଚି ବାଲ୍ୟବିବାହ ହେଉଥିବା ସ୍ଥାନରେ ପରିବାର ଲୋକଙ୍କୁ ବାଲ୍ୟ ଦମ୍ପତିଙ୍କ ଆଧାର କାର୍ଡ ମାଗି ବୟସ ଯାଞ୍ଚ କରିଥିଲେ। ଏଥିରେ ନାବାଳକଙ୍କ ବୟସ ୧୬ ହୋଇଥିବା ବେଳେ ଝିଅର ବୟସ ୧୯ ହୋଇଥିଲା। ଫଳରେ ପୁଅର ବୟସ କମ୍ ଥିବାରୁ ବିବାହକୁ ବାରଣକରି ବାଲ୍ୟବିବାହ ଏକ ଦଣ୍ଡନୀୟ ଅପରାଧ ବୋଲି ସେମାନଙ୍କୁ ବୁଝାଇଥିଲେ। ଏହି ସମୟରେ ବିବାହ ସ୍ଥଳରୁ ନାବାଳକ ଜଣକ ଫେରାର ହୋଇଯାଇଥିଲେ। ପ୍ରଶାସନ ନାବାଳକଙ୍କ ବାପା ଓ ସମ୍ପୃକ୍ତା ଝିଅକୁ ଗ୍ରାମରୁ ଉଦ୍ଧାରକରି ସ୍ଥାନୀୟ ଦଶମନ୍ତପୁର ଥାନାରେ ପୋଲିସ ଜିମାଦେଇଥିବା ଜଣାପଡ଼ିଛି। ତେବେ ସମ୍ପୃକ୍ତ ଝିଅ ଜଣକ ନୂଆଗୁଡ଼ାରେ ରହୁଥିବା ନିଜ ବଡ଼ ଭଉଣୀଙ୍କ ଘରକୁ ବୁଲିବାକୁ ଯାଇଥିବା ବେଳେ ନାବାଳକ ଜଣକ ଘର ଭିତରୁ ମୋତେ ରୀତିନୀତି ଅନୁସାରେ ଟାଣିନେଇଥିଲେ ବୋଲି ସମ୍ପୃକ୍ତା ଝିଅ ଜଣକ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସଙ୍କୁ ପଚାରିବାରୁ ସେ କହିଲେ, ସେମାନଙ୍କୁ ଜିଲା ଶିଶୁ ସୁରକ୍ଷା ସମିତିକୁ ହସ୍ତାନ୍ତର କରାଯିବ।

# ରାସ୍ତା ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



କୋରାପୁଟ,୫।୮ (ଅମିତାଭ ବେହେରା)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁଜାଙ୍ଗ ପଞ୍ଚାୟତ ଅନ୍ତର୍ଗତ ବଡୁଗୁଡା ଗ୍ରାମ ରାସ୍ତା ନିର୍ମାଣ ନେଇ ଗ୍ରାମବାସୀ ସୋମବାର ଅପରାହ୍ନରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଏକ ଦାବିପତ୍ର ଦେଇଛନ୍ତି। ଗ୍ରାମରେ ୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ବିଭିନ୍ନ ପ୍ରକାର ଚାଷ କରି ଗ୍ରାମବାସୀ ସେ ସବୁକୁ ବଜାରରେ ବିକ୍ରି କରି ପରିବାର ପ୍ରତିପୋଷଣ କରନ୍ତି। ଏବେ ବର୍ଷା ଦିନ ହୋଇଥିବାରୁ ଗ୍ରାମରୁ ବାହାରିବା କଷ୍ଟକର ହୋଇ ପଡୁଛି। ଜମିରୁ ଉତ୍ପାଦିତ ଶସ୍ୟକୁ ନେଇ ବଜାର ଯିବା ସମ୍ଭବପର ହେଉନାହିଁ। ଫଳରେ ଉପାର୍ଜିତ ଶସ୍ୟ ନଷ୍ଟ ହେଉଛି।। ରାସ୍ତା ନ ଥିବା ଯୋଗୁ ପିଲାମାନେ ପାଠ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। ବର୍ଷା ଦିନରେ ଗୁରୁତର ରୋଗୀଙ୍କୁ ଭାରରେ ବୋହି ନେବା ପରେ ମେଡିକାଲକୁ ନେଇ ହେଉଛି। ଅନେକ ସମୟରେ ଭାରରେ ବୋହି ନେବା ସମୟରେ ଅଧ ରାସ୍ତାରେ ରୋଗୀ ଆଖି ବୁଜୁଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। କାଦୁଅ ରାସ୍ତା ଦେଇ ପ୍ରତିଦିନ ୫ କିଲୋମିଟର ଯିବାକୁ ପଡୁଛି। ରାସ୍ତା ନିର୍ମାଣ ନେଇ ବାରମ୍ବାର ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ ବୋଲି ଗ୍ରାମବାସୀ କମଲୁ ଜାନି ଓ ଧ୍ରୁବ ମୁଦୁଲି କହିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଶ୍ରୀଜଗନ୍ନାଥ ମନ୍ଦିରରେ ଚିତାଲାଗି ଅମାବାସ୍ୟା

ଦାମନଯୋଡ଼ି,୫।୮ (ମାନସ ରଞ୍ଜନ କର)

ଓଡ଼ିଶାର ସ୍ୱତନ୍ତ୍ର ପର୍ବ ଚିତାଲାଗି ଅମାବାସ୍ୟା ଦାମନଯୋଡ଼ିରେ ପାଳିତ ହୋଇଛି। ନାଲ୍‌କୋ ଟାଉନ୍‌ଶିପ ସେକ୍ଟର-୧ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ନୀତିକାନ୍ତି ପରେ ତିନିଠାକୁରଙ୍କ ଲଲାଟରେ ଚିତାଲାଗି ହୋଇଥିଲା। ବଡ଼ଠାକୁର ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କୁ ପୂଜକ ଚିତା ଲାଗି କରିଥିଲେ। ଏଥିସହ ସତନ୍ତ୍ର ଭାବେ ପ୍ରସ୍ତୁତ ଚିତଉ ପିଠା ଭୋଗ ଲାଗି ହୋଇଥିଲା। ପୂଜକ ଅଜୟ ପଣ୍ଡା, ବିଜୟ ପଣ୍ଡା ଓ ଅମୀୟ ସାମନ୍ତରାୟ ପୂଜାନୀତି ସମ୍ପନ୍ନ କରିଥିଲେ।

### ୨ ମହିଳାଙ୍କୁ ନିର୍ଯାତନା ଅଭିଯୋଗ

ଜୟପୁର,୫।୮ (ପବନ ପାଣିଗ୍ରାହୀ)

୨ଜଣ ମହିଳା ନିର୍ଯାତନାର ଶିକାର ହେଉଥିବା ନେଇ ଜୟପୁର ମହିଳା ଥାନାରେ ଦୁଇଟି ଅଭିଯୋଗ କରିଛନ୍ତି। ମାଲକାନଗିରି ଜିଲା ମେଡ଼ିସାହିର ସୁଲୋଚନା ସୁନା ୮ ବର୍ଷ ତଳେ ମୋହନ ସୁନାଙ୍କୁ ବିବାହ କରିଥିଲେ। ମୋହନ ତାଙ୍କୁ ଶାରୀରିକ, ମାନସିକ ଓ ଯୌତୁକ ନିର୍ଯାତନା ଦେଇ ଆସୁଥିଲେ। ଯୌତୁକ ପାଇଁ ସେ ୩ ଲକ୍ଷ ଟଙ୍କା ଦାବି କରୁଥିଲେ। ଦାବି ମୁତାବକ ସୁଲୋଚନା ୩ ଲକ୍ଷ ଆଣି ଦେଇଥିଲେ ହେଲେ ମଧ୍ୟ ତାଙ୍କ ପ୍ରତି ନିର୍ଯାତନା କମି ନ ଥିଲା। ମୋହନ ତାଙ୍କୁ ନିର୍ଯାତନ ଦେଇ ଘରୁ ବାହାର କରି ଦେଇଥିଲେ। ୮ ମାସ ହେବ ସୁଲୋଚନା ଭାଇଙ୍କ ଘରେ ରହୁଥିଲେ। ମୋହନ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିବା ପରେ ସୁଲୋଚନା ଥାନାର ଦ୍ୱାରସ୍ଥ ହୋଇ ଉପରୋକ୍ତ ଅଭିଯୋଗ କରିଛନ୍ତି। ସେହିପରି ଜୟପୁର ବାରିଣିପୁଟର ସଂଯୁକ୍ତା ମହାନନ୍ଦିଆ ୨୦୧୭ରେ ଅଜୟ ବାଘଙ୍କୁ ବିବାହ କରିଥିଲେ। ସଂଯୁକ୍ତାଙ୍କୁ ସ୍ୱାମୀ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ସେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ତଦନ୍ତ ଆରମ୍ଭ ହୋଇଛି ବୋଲି ଥାନା ଅଧିକାରୀ ଅନିତା କୁଜୁର କହିଛନ୍ତି।

# ଦାବି ପୂରଣ ହେଉ ନ ଥିବାରୁ ଅସନ୍ତୋଷ



ବୈଠକରେ ମଞ୍ଚାସୀନ ଅତିଥି।

ଜୟପୁର,୫।୮ (ପବନ ପାଣିଗ୍ରାହୀ)

ଜୟପୁର ଯାଦବ ଭବନଠାରେ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଛି। ସମିତି କୋରାପୁଟ ଜିଲା ଶାଖା ସଭାପତି ଶଶୀ ଭୂଷଣ ଦାଶଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ବୈଠକରେ ବିଭିନ୍ନ ବିଭାଗର କର୍ମଚାରୀ ଯୋଗଦେଇଥିଲେ। ଅଣଗେଜେଟେଡ୍ କର୍ମଚାରୀଙ୍କ ଦୀର୍ଘଦିନର ନ୍ୟାଯ୍ୟ ଦାବି ପୂରଣ ଦିଗରେ ସରକାର ତୁରନ୍ତ ପଦକ୍ଷେପ ନେବାକୁ କର୍ମଚାରୀମାନେ ଦାବି କରିଥିଲେ। ମୁଖ୍ୟତଃ ପୁରୁଣା ପେନ୍‌ସନ ଲାଗୁ କରିବା, ପୁରୁଣା ନିୟମାନୁସାରେ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରିବା, ଠିକା ପଦବୀ ଉଚ୍ଛେଦ କରିବା, ଏକ୍ସ କ୍ୟାଡର ପଦବୀ ଉଚ୍ଛେଦ କରିବା, ବ୍ଲକ ଗ୍ରାଣ୍ଟ ଉଚ୍ଛେଦ କରିବା, ଘରଭଡ଼ାରେ ସମାନତା ରଖିବା, କୋଭିଡ୍ ମହାମାରୀ ସମୟରୁ ସ୍ଥଗିତ ଥିବା ମହଙ୍ଗା ଭତ୍ତା ପ୍ରଦାନ କରିବା, ଦରମାର ଅସଙ୍ଗତି ଦୂର କରିବା, ସମସ୍ତ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଗାଇ ଦେବା ଓ ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀ ପୂରଣ କରିବା ଭଳି ୧୦ ଦଫା ଦାବି ପୂରଣ ନେଇ ରାଜ୍ୟ ସମନ୍ୱୟ ସମିତି ଜରିଆରେ ରାଜ୍ୟ ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ ଲାଗି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏତଦ୍‌ବ୍ୟତୀତ ଶିକ୍ଷା ବିଭାଗ ଓ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ଏହି ବିଭାଗର କାର୍ଯ୍ୟରତ ଅଧିକାରୀମାନେ ପଦୋନ୍ନତି ଦେବାକୁ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ବୈଠକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଦୀର୍ଘଦିନ ଧରି ଖାଲି ପଡ଼ିଥିବା ପଦବୀଗୁଡ଼ିକ ପଦୋନ୍ନତି ଭିତ୍ତିରେ ପୂରଣ କରିବା ପାଇଁ ଦାବି କରାଯାଇଥିଲା। ଆସନ୍ତା ୧୧ତାରିଖରେ ପୁରୀରେ ହେବାକୁ ଥିବା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ବୈଠକରେ କର୍ମଚାରୀମାନଙ୍କ ପ୍ରତି ଅଧିକାରୀମାନଙ୍କ ମାରଣ ନୀତି ସମ୍ପର୍କରେ ରାଜ୍ୟ ବୈଠକରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସଭାପତି ଦାଶ ପ୍ରତିଶ୍ରୁତି ଦେଇଥିଲେ।

## ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ବୈଠକ

# କୁଲାରସିଂ ପଞ୍ଚାୟତ ଜନ ଅଭିଯୋଗ ଶୁଣାଣି ଶିବିର

ସୁନାବେଡା,୫।୮ (କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ କୁଲାରସିଂ ପଞ୍ଚାୟତରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ଜନସଚେତନା ଓ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଦୁର୍ଗା ପ୍ରସାଦ ଦୋରା ଅଧ୍ୟକ୍ଷତା କରିଥିଲେ। ବ୍ଲକର ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ପଞ୍ଚାୟତ ସରପଞ୍ଚ ଭଗବତୀ କିର୍ଷାନି, ସମିତିସଭ୍ୟ ୱାର୍ଡସଭ୍ୟ ଓ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ଲୋକେ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ବଳିତ ଏକାଧିକ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ବ୍ଲକ ପୂର୍ବତନ କଂଗ୍ରେସ ସଭାପତି କାମେଶ କାମୁଡି ମେଗା ପ୍ରକଳ୍ପ ନାମରେ କର୍ତ୍ତୃପକ୍ଷ ପଞ୍ଚାୟତ ବ୍ଲକ ଓ ଆରଡି ବିଭାଗର ରାସ୍ତାଗୁଡ଼ିକ ନଷ୍ଟ କରୁଥିବା ଅଭିଯୋଗ କରିଥିଲେ। ଆସିଥିବା ଅଭିଯୋଗଗୁଡିକରୁ ୯ଟି ଅଭିଯୋଗ ପଞ୍ଜୀକୃତ କରାଯାଇଛି। ସମସ୍ତ ଅଭିଯୋଗ ପତ୍ରର ତ୍ୱରିତ ସମାଧାନ ନିମନ୍ତେ ବ୍ଲକ ଓ ପଞ୍ଚାୟତରେ କାର୍ଯ୍ୟରତ ଅଧିକାରୀଙ୍କୁ ବିଡିଓ ଦୋରା ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଅନାଦି ଚରଣ ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡ. ଦୁବରାଜ ମୁର୍ମୁ, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଝସକେତନ ବେହେରା, ସିଡିପିଓ ମିନତିବାଳା ପଟ୍ଟନାୟକ ଉପସ୍ଥିତ ଥିଲେ।

# ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ



ଦଶମନ୍ତପୁର, ୫।୮ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ମିଳନ ଝାଙ୍କରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉକ୍ତ ବୈଠକକୁ ସାମାଜିକ ସୁରକ୍ଷା ଅଧିକାରୀ ଗୌତମ ଖସଲା ପରିଚାଳନା କରିଥିଲେ। ବ୍ଲକ୍ ଉପାଧ୍ୟକ୍ଷ ଅରୁଣ ଚେଟି, ସହକାରୀ ଯନ୍ତ୍ରୀ ଅଭିଷେକ ଷଡ଼ଙ୍ଗୀ, କଂଗ୍ରେସ ବ୍ଲକ୍ ସମ୍ପାଦକ ମୋହନ ପାତ୍ର ହିଆଲ, ଜିପିଇଓ ସ୍ମୃତି ରଞ୍ଜନ ନାୟକ, ଓଡ଼ିଶା ଜୀବିକା ମିଶନ ଅଧିକାରୀ ବଟକୃଷ୍ଣ ସ୍ୱାଇଁ, ରାଜେନ୍ଦ୍ର ହୁଇକା, ଅତିରିକ୍ତ ଶିକ୍ଷା ଅଧିକାରୀ ମନ୍ମଥ ମାଣ୍ଡାଙ୍ଗି, ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟ ଅଧ୍ୟାପକ ଆର୍ତ୍ତତ୍ରାଣ ଆଚାର୍ଯ୍ୟଙ୍କ ସହ ପ୍ରତ୍ୟେକ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ସ୍ୱାଧୀନତା ଦିବସ ଦିନ ପ୍ରଥମେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ। ପ୍ରତ୍ୟେକ ବିଦ୍ୟାଳୟରେ ନିର୍ଦ୍ଧାରିତ ସମୟ ଅନୁସାରେ ପତାକା ଉତ୍ତୋଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସକାଳ ସାଢ଼େ ୮ଟାରେ ମୁଖ୍ୟ ଅତିଥି ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା ପତାକା ଉତ୍ତୋଳନ କରିବେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯିବ। ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଏବଂ +୨ ପରୀକ୍ଷାରେ ବ୍ଲକରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

# ପୋଲିସ ନ ଆସିବାରୁ ବ୍ୟବଚ୍ଛେଦ ନ ହୋଇ ୨୪ ଘଣ୍ଟା ପଡ଼ି ରହିଲା ମୃତଦେହ

କୋରାପୁଟ,୫।୮ (ଅମିତାଭ ବେହେରା)

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ସୋମବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଠିକ ସମୟରେ ପୋଲିସ ନ ଆସିବାରୁ ବ୍ୟବଚ୍ଛେଦ ନ ହୋଇ ଏକ ମୃତଦେହ ୨୪ ଘଣ୍ଟା ଧରି ମେଡିକାଲରେ ପଡିରହିବା ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ ଗତ ୮ ମାସ ତଳେ ଜମିଜମା ଘଟଣାକୁ ନେଇ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଥାନା ଅନ୍ତର୍ଗତ ବାନ୍ଧମୁଣ୍ଡା ଗ୍ରାମର ୩ ଜଣ ମହିଳା ଓ ୩ଜଣ ପୁରୁଷ ମିଶି ତାଙ୍କ ବାପା ସମୁରାମ ଡଙ୍ଗ୍ରି (୬୯)ଙ୍କୁ ରଡ଼ ଏବଂ ବାଡ଼ିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଭୀଷଣ ଆଘାତ ବାଜିବା ଯୋଗୁ ସେ ପାଗଳ ଭଳି ହୋଇଥିଲେ। ତାଙ୍କୁ ଜୟପୁର ଜିଲା ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ସମୁରାମଙ୍କ ମୁଣ୍ଡ ଅପରେଶନ କରାଯାଇଥିଲା। କିଛି ଦିନପରେ ସେ ଘରକୁ ଫେରିଥିଲେ। ହେଲେ ପୂର୍ବଭଳି ପୁଣି ପାଗଳାମି ବାହାରିବାରୁ ୧୫ ଦିନତଳେ ସମୁରାମଙ୍କୁ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ସନ୍ଧ୍ୟା ୭ଟାରେ ସମୁରାମଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ନ ଆସିଲେ ମୃତଦେହ ବ୍ୟବଚ୍ଛେଦ ହେବନାହିଁ ବୋଲି କହିବାରୁ ରାତିରେ ସମୁରାମଙ୍କ ପରିବାର ଲୋକେ ତେନ୍ତୁଳିଖୁଣ୍ଟି ଥାନାକୁ ଯାଇ ଏ ସମ୍ପର୍କରେ ଜଣାଇଥିଲେ। ମାତ୍ର ପୋଲିସ ଠିକ ସମୟରେ ନ ପହଞ୍ଚିବାରୁ ସୋମବାର ଅପରାହ୍ନ ୪ଟାରେ ପହଞ୍ଚିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନ ଥିଲା। ସୋମବାର ପୁଣି ମୃତଦେହ ବ୍ୟବଚ୍ଛେଦ ବନ୍ଦ ରହିଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି। ପୋଲିସ ଜାଣିଶୁଣି ହଇରାଣ କରୁଥିବା ସମୁରାମଙ୍କ ପୁଅ ନରେନ୍ଦ୍ର ଡ଼ଙ୍ଗରି ଅଭିଯୋଗ କରିଛନ୍ତି।

# ଜିଲାସ୍ତରୀୟ ହାକାଥନ୍

ଜୟପୁର, ୫।୮।(ପବନ ପାଣିଗ୍ରାହୀ)

ଜିଲାସ୍ତରୀୟ ହାକାଥନ୍ ପ୍ରତିଯୋଗିତା ଜୟପୁରସ୍ଥିତ ବିଜ୍ଞାନ କେନ୍ଦ୍ରଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ମୁଖ୍ୟ ଜିଲା କୃଷି ଅଧିକାରୀ ଜି.ଭେଙ୍କଟ ରେଡ୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୨୩ଟି ଯୋଗ୍ୟ ବିବେଚିତ ପ୍ରକଳ୍ପ ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଏଥିରୁ ଓୟୁଟିଆର୍ ଭୁବନେଶ୍ୱରର ବିଚାରକ ମଣ୍ଡଳୀ ୩ଟି ଶ୍ରେଷ୍ଠ ପ୍ରକଳ୍ପକୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ଲାଗି ମନୋନୀତ କରିଥିଲେ। ଲାଣ୍ଡିଗୁଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ବିଜୟ ତନ୍ତୀ ପ୍ରଥମ, ବୋରିଗୁମ୍ମା ଆଦର୍ଶ ବିଦ୍ୟାଳୟର ଛାତ୍ର ସନ୍ତୋଷ ଭତ୍ରା ଦ୍ୱିତୀୟ ଓ କୋରାପୁଟ ଆଦର୍ଶ ବିଦ୍ୟାଳୟର ଛାତ୍ର ସୌମ୍ୟଶିବ ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମଧ୍ୟ ମୁଖ୍ୟ ଅତିଥି ରୂପେ ରେଡ୍ଡି ଯୋଗଦେଇଥିବା ବେଳେ ଜିଲା ଶିକ୍ଷା ଅଧିକାରୀ ଡ.ପ୍ରଶାନ୍ତ ମହାନ୍ତି ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଓୟୁଟିଆର୍‌ର ଅଧ୍ୟାପକ ଚନ୍ଦନ ପାଣିଗ୍ରାହୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜଗନ୍ନାଥ ଭତ୍ରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ବିଜ୍ଞାନ ପରିଦର୍ଶକ ଅନନ୍ତ ଦଳପତି ସଂଯୋଜନା କରିଥିଲେ। ବୋରିଗୁମ୍ମା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ଭୂଷଣ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ ନାୟକ ଧନ୍ୟବାଦ ଦେଇଥିଲେ।




ଅତିଥିମାନେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

# କାଗଜପତ୍ର ଠିକ୍ ନ ଥାଇ ଚାଲୁଛି ସ୍କୁଲ ବସ୍

ସୁନାବେଡ଼ା/ସେମିଳିଗୁଡ଼ା,୫।୮
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସରକାର ସାଧାରଣ ଜନତାଙ୍କଠାରୁ ଆରମ୍ଭକରି ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ବିଭିନ୍ନ ସମୟରେ ବହୁ ନିୟମ ମାନ ପ୍ରଣୟନ କରୁଛନ୍ତି। ହେଲେ ଏହିସବୁ ନିୟମ ଅଳ୍ପ କିଛି ମାତ୍ରାରେ ପାଳନ କରାଯାଉଥିବା ବେଳେ ବହୁମାତ୍ରାରେ ଉଲ୍ଲଂଘନ ହେଉଛି। ବିଶେଷକରି ବିଭିନ୍ନ ବିଦ୍ୟାଳୟରେ ଏହି ଅବହେଳା ପରିଲକ୍ଷିତ ହେଉଛି। ଛାତ୍ରୀଛାତ୍ରଙ୍କୁ ନେବା ଆଣିବା କରୁଥିବା ସ୍କୁଲ ବସ୍‌ଗୁଡିକୁ ଠିକ୍ ରୂପେ ନିୟୋଜିତ କରାଯାଉ ନ ଥିବା ଅଭିଯୋଗ ହେଉଛି। କିଛିଦିନ ତଳେ ଏକ ଘରୋଇ ଶିକ୍ଷାନୁଷ୍ଠାନର ବସ୍‌କୁ ଯାଞ୍ଚକରିବା ପରେ ଉପଯୁକ୍ତ କାଗଜପତ୍ର ନ ଥିବା ଜଣାପଡ଼ିବା ପରେ ଗାଡ଼ି ୨ଟିକୁ ଜବତ କରାଯାଇଥିଲା। ସେହିପରି ହାଲ୍‌ରେ ଥିବା ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସହ କେନ୍ଦ୍ରୀୟ




କାଗଜପତ୍ର ଠିକ୍ ନ ଥାଇ ଚାଲୁଥିବା ସ୍କୁଲ ବସ୍।

ବିଶ୍ୱବିଦ୍ୟାଳୟରେ ନିୟୋଜିତ ହୋଇଥିବା ଏକ ବସ୍‌ର କୌଣସି ବୈଧ କାଗଜପତ୍ର ନ ଥିବା ଜଣାପଡ଼ିଛି। ଆନ୍ଧ୍ର ପ୍ରଦେଶର ଏକ କମ୍ପାନୀ ସାଇ ଗଣେଶ ନିଜର ଗୁଡ଼ାଏ ବସ୍ ସୁନାବେଡ଼ା ଓ ସେମିଳିଗୁଡ଼ା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ନିୟୋଜିତ କରିଛି। ସୋମବାର ସେହି ସଂସ୍ଥାର ଏକ ବସ୍ (ଓଡି ୧୦ ୱାଇ-୦୯୩୮) ଯାହା କି ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ନିୟୋଜିତ ରହିଛି, ସେଥିରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାୟ ୭୦ରୁ ଅଧିକ ପିଲାଙ୍କୁ ନେଉଥିବା ଦେଖିବାକୁ ମିଳିଥିଲା। ଆଶ୍ଚର୍ଯ୍ୟର ବିଷୟ ଉକ୍ତ ଗାଡ଼ିର ଫିଟ୍‌ନେସ୍ ସାର୍ଟିଫିକେଟ ଜୁନ୍ ୧୬ରୁ ସରିଥିବା ବେଳେ ଜୁଲାଇ ୩୧ରୁ ଟ୍ୟାକ୍ସ ମଧ୍ୟ ବନ୍ଧାଯାଇ ନାହିଁ। ସଂସ୍ଥାରେ ଚାଲୁଥିବା ଏକ ବସ୍‌ରେ ଟ୍ରକ୍‌ର ରେଜିଷ୍ଟ୍ରେଶନ ନମ୍ବର ଲାଗିଥିବା ଜାଣିବାକୁ ମିଳିଛି। ଛୋଟ ଛୋଟ ପିଲାଙ୍କୁ ନେବା ଆଣିବା କରୁଥିବା ଗାଡ଼ିଗୁଡିକ କିପରି ଏତେ ବେପରୁଆ ଭାବେ ଚଳାଚଳ କରୁଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିୟମ ମୁତାବକ ଗାଡ଼ିଗୁଡିକରେ ଅଗ୍ନି ନିର୍ବାପକ ସହ ବୈଧ କାଗଜପତ୍ର ରହିବା ଜରୁରୀ। ମାତ୍ର ସମ୍ପୃକ୍ତ ଶିକ୍ଷାନୁଷ୍ଠାନ କିମ୍ବା ପ୍ରଶାସନ ଏଗୁଡ଼ିକୁ ନଜର ଅନ୍ଦାଜ କରୁଥିବା ଯୋଗୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ତଥା କୋରାପୁଟ ଆର୍‌ଟିଓ ରାଜେଶ ମାର୍ଣ୍ଡିଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ଧରପଗଡ଼ ଜାରି ରହିଛି। ଆଗକୁ ମଧ୍ୟ ଯାଞ୍ଚ କଡ଼ାକଡ଼ି କରାଯିବ ବୋଲି କହିଛନ୍ତି। ଏଥିସହ ଏଭଳି ନିୟମ ଖିଲାପକାରୀଙ୍କ ବିରୋଧରେ ନିଶ୍ଚିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ମରାମତି ହେଲା ବାୟାପଡ଼ା ଘାଟି ରାସ୍ତା

କୋରୁକୋଣ୍ଡା,୫।୮ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ନାକାମାମୁଡ଼ି ପଞ୍ଚାୟତ ତୁମ୍ବାପଦର ଗାଁ ନିକଟରେ ଗତ ମାସ ଲଗାଣ ବର୍ଷାରେ ଭୂସ୍ଖଳନ ହୋଇଥିଲା। ଫଳରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ କରାଯାଇଥିବା ଓରିଙ୍ଗିଠାରୁ ବାୟାପଡ଼ା ରାସ୍ତା ସମ୍ପୂର୍ଣ୍ଣଭାବେ ଧୋଇହୋଇଯାଇଥିଲା। ଏହି ରାସ୍ତାଟି ଖଇରପୁଟ ଏବଂ କୋରୁକୋଣ୍ଡା ବ୍ଲକ୍‌କୁ ଯୋଗାଯୋଗ କରୁଥିଲା। ୧.୮୫୦ କି.ମି.ଠାରୁ ୨.୫୮୦ କି.ମି.ପର୍ଯ୍ୟନ୍ତ ରାସ୍ତା ଧୋଇଯିବା ପରେ ସ୍ଥାନୀୟ ଲୋକେ ଏକ ଅସ୍ଥାୟୀ କାଠପୋଲକରି ଯିବା ଆସିବା କରୁଥିଲେ। ଜିଲା ପ୍ରଶାସନ ତତ୍ପରତା ଦେଖାଇବା ସହ ରାସ୍ତା ମରାମତି କାର୍ଯ୍ୟ ଦ୍ରୁତଗତିରେ ଆରମ୍ଭ କରିଥିଲା। ଯେହେତୁ ବାୟାପଡ଼ା ଏକ ତୀଖ ଘାଟି ଅଞ୍ଚଳ ତେଣୁ ଅଧିକାରୀମାନଙ୍କୁ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପ୍ରଥମେ ଅସ୍ଥାୟୀ କାଠପୋଲ ପରିବର୍ତ୍ତେ ଘାଟି ତଳୁ ପଥର, ସ୍ଲବ୍ ନେଇ ସୃଷ୍ଟି ହୋଇଥିବା କୃତ୍ରିମ ନାଳରେ ପକାଇବା ସହ ବାଲିମାଟି ପକାଇ ପାଣି ବହିବା ବନ୍ଦ କରିଥିଲେ। ତା'ପରେ ଘାଟିରେ ବଡ଼ ବଡ଼ ହ୍ୟୁମ୍ ପାଇପ ପକାଇ ରାସ୍ତାଟିକୁ ଯାତାୟାତ ପାଇଁ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ କରାଯାଇଛି



ତିଆରି ହୋଇଥିବା ନୂଆ ରାସ୍ତା ।

ବୋଲି ଯନ୍ତ୍ରୀ କହିଛନ୍ତି। ଚଳିତ ମାସ ୨ ତାରିଖରୁ ଦୁଇଚକିଆ ଏବଂ ହାଲକା ଚାରିଚକିଆ ଯାନ ଯିବା ଆସିବା ଯୋଗ୍ୟ ହୋଇପାରିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏବେ ସୁରିପଡ଼ା, ବାୟାପଡ଼ା, ଗଙ୍ଗପଡ଼ା, ଘିସିଙ୍ଗଗୁଡ଼ା, ଆମ୍ବିଲିବେଡ଼ା ଓ ଅଙ୍ଗୁରଗଡ଼ା ଆଦି ୧୮ ଟି ଗାଁକୁ ଯୋଗାଯୋଗ ହୋଇପାରିଛି।

ସୂଚନାଯୋଗ୍ୟ, ଗତ ମାସ ଶେଷ ସପ୍ତାହରେ ପ୍ରବଳ ବର୍ଷା ହୋଇଥିଲା। ଫଳରେ ଜିଲାର କିଛି ଅଞ୍ଚଳରେ ରାସ୍ତା, କଲଭର୍ଟ ସବୁ କ୍ଷୟକ୍ଷତି ହେବା ସହ କିଛି ପୋଲ ମଧ ଜଳମଗ୍ନ ହୋଇଥିଲା। ରାସ୍ତା କେତେ ସୁରକ୍ଷିତ ବୋଲି ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ସେହି ସ୍ଥାନରେ ଏକ ପୋକ୍‌ଲିନ ଓ ଏକ ଟ୍ରାକ୍ଟର ରଖାଯାଇଛି। ଯଦି ଆଗାକୁ କିଛି ଭୂସ୍ଖଳନ କିମ୍ବା ରାସ୍ତା ଧୋଇଯାଏ ତା'ହେଲେ ତତ୍କାଳ ମରାମତି ହୋଇପାରିବ। ଯଦିଓ ନାରିଙ୍ଗଝୋଲା ଗାଁ ପଟେ ଏକ ବିକଳ୍ପ ରାସ୍ତା ରହିଛି, କିନ୍ତୁ ସେପଟେ ଚାରିଚକିଆ ଯାନ ଯିବା ଆସିବା କରିବା ପାଇଁ ସୁରକ୍ଷିତ ଅଛି ବୋଲି ନିର୍ବାହୀ ଯନ୍ତ୍ରୀ ସୁଜିତ କୁମାର ବେହେରା କହିଛନ୍ତି।

# ମାଲକାନଗିରିରେ ବିଶ୍ୱ ହିନ୍ଦୁ ପରିଷଦର ଜିଲାସ୍ତରୀୟ ବୈଠକ

ମାଲକାନଗିରି,୫।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମାରେ ସୋମବାର ବିଶ୍ୱ ହିନ୍ଦୁ ପରିଷଦର ଏକ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଶ୍ଚିମ ଓଡ଼ିଶାର ରାଜ୍ୟ ସଂଗଠନ ମନ୍ତ୍ରୀ ସତ୍ୟନାରାୟଣ ଥନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ମାଲକାନଗିରି ଜିଲା ସଭାପତି ନୀଳମଣି ପ୍ରଧାନ ଓ ସାଧାରଣ ସମ୍ପାଦକ ବାଲାରାଜୁ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ବୈଠକ ପରିଚାଳନା କରିଥିଲେ । ବୈଠକର ମୁଖ୍ୟ ଅତିଥି ଥନାପତି କହିଥିଲେ, ଆଗାମୀ ଦିନରେ ଷଷ୍ଠିପୂର୍ତ୍ତି ପ୍ରଖଣ୍ଡ ଓ କାର୍ଯ୍ୟକାରିଣୀ ପରିଷଦର ସମସ୍ତ ୧୭ ପଦବୀ ପୂରଣ ନିମନ୍ତେ ସମସ୍ତେ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟତଃ ସଂଗଠନର କାର୍ଯ୍ୟଶୈଳୀକୁ ଲୋକାଭିମୁଖୀ କରିବା ସହ ଆହୁରି ମଜଭୁତ, କ୍ରିୟାଶୀଳ ଓ ବ୍ୟାପକ ପ୍ରଚାର ପ୍ରସାର କରିବା ପାଇଁ ଅନୁରୋଧ କରିଛନ୍ତି। ହିନ୍ଦୁ ସମାଜର କେତେଜଣ ଲୋକ ଅନ୍ୟ ଧର୍ମାବଲମ୍ବୀଙ୍କ ମିଛ ପ୍ରଲୋଭନରେ ପଡ଼ି ଅନ୍ୟ ଧର୍ମକୁ ଆପଣେଇ ନେଉଥିବା ଉଦ୍‌ବେଗର କାରଣ ହୋଇଛି। ଏଥି ନିମନ୍ତେ ସମସ୍ତଙ୍କୁ ସତର୍କ କରିବା ସହ ଉକ୍ତ ଧର୍ମାନ୍ତରୀକରଣ ବ୍ୟକ୍ତିମାନଙ୍କୁ ପୁନର୍ବାର ହିନ୍ଦୁ ଧର୍ମକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ପ୍ରଚେଷ୍ଟା କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଆଜିର ଏହି ବୈଠକରେ ଜିଲା ସଂଗଠନ ମନ୍ତ୍ରୀ ଶିବପଦ ମିର୍ଦ୍ଧା, ବଜରଙ୍ଗ ଦଳ ସଂଯୋଜକ ବିଜୟ କୁମାର ନାୟକ, ସଦସ୍ୟ ଗୋଷାଲ ବିଶ୍ୱାସ, ସଦାନନ୍ଦ ଓଝା, ବନମାଳୀ ପାତ୍ର, ଆନନ୍ଦ କବିରାଜ, ଦୁଃଶାସନ ମହାପାତ୍ର, ଭଗବାନ ସାହୁ, ଗୋବିନ୍ଦ ବିଶ୍ୱାସ ଓ ମୃଣାଳ ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ।


ବୈଠକରେ ଆଲୋଚନା କରାଯାଉଛି ।

# ମାଲକାନଗିରି ବିଧାୟକଙ୍କ କାଲିମେଳା ଗସ୍ତ


ମାଲକାନଗିରି ବିଧାୟକ ନରସିଂହ ମାଡକାମୀ କାଲିମେଳାରେ ଦଳୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି ।

କାଲିମେଳା,୫।୮ (ଜୀବନ କୃଷ୍ଣ ଦାସ)

ମାଲକାନଗିରି ବିଧାୟକ ନରସିଂହ ମାଡକାମି ସୋମବାର କାଲିମେଳା ବ୍ଲକ୍ ପରିଦର୍ଶନ କରିଥିଲେ। ବିଧାୟକ ମାଡକାମି ପୂର୍ବାହ୍ନ ୧୧ଟାରେ କାଲିମେଳା ତହସିଲ କାର୍ଯ୍ୟାଳୟ ପରିଦର୍ଶନକରି ସମସ୍ତ ଭୂମିହୀନଙ୍କୁ ଜମିପଟ୍ଟା ଯୋଗାଇଦେବା ନେଇ ତହସିଲଦାର ରାମକୃଷ୍ଣ ସତ୍ୟରାଜ ଗୁରୁଙ୍କ ସହ ଆଲୋଚନା କରିଥିଲେ । ପଟ୍ଟା ନ ଥିବାରୁ ବହୁ ଭୂମିହୀନ ପରିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହେଉଛନ୍ତି । ଏଥିସହ ଗତ କିଛିଦିନ ତଳେ ଲଗାଣ ବର୍ଷା ଯୋଗୁ କାଲିମେଳା ବ୍ଲକ୍‌ର କେତେକ ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଘର ଭାଙ୍ଗିବା ସହ କେତେଜଣ ଲୋକଙ୍କ ଚାଷ ନଷ୍ଟ ହୋଇଛି। ତେବେ ଏହାର

## ତେଲରାଇରେ ଜନଶୁଣାଣି, ଭୂମିହୀନଙ୍କୁ ପଟ୍ଟା ପ୍ରଦାନ ପାଇଁ ତହସିଲଦାରଙ୍କ ସହ ଆଲୋଚନା

ତୁରନ୍ତ କ୍ଷୟକ୍ଷତି ଆକଳନକରି ରିପୋର୍ଟ ଦେବାପାଇଁ ପରାମର୍ଶ କରିଥିଲେ । ପରେ ବିଧାୟକ ମାଡ଼କାମି କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତକରି ରୋଗୀଙ୍କ ଭଲମନ୍ଦ ବୁଝିବା ସହ କିପରି ଚିକିତ୍ସା କରାଯାଉଛି ସେ ନେଇ ମେଡିକାଲ ଭାରପ୍ରାପ୍ତ ଅଧିକାରୀ ଡା. ମୁକ୍ତିକାନ୍ତ ମଲ୍ଲିକଙ୍କ ସହ ଆଲୋଚନା କରିଥିଲେ। ରୋଗୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାକୁ ପରାମର୍ଶ କରିଥିଲେ। କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାନାଦି ସମସ୍ୟା ଲାଗି ରହିଥିବା ବେଳେ ବିଭିନ୍ନ ସମସ୍ୟାକୁ ବିଧାୟକ ଅନୁଧ୍ୟାନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରୁ ପାଣି ଗଳିବା, ବିଶେଷଜ୍ଞ ଅଭାବ, ବେଡ୍ ସଂଖ୍ୟା ବୃଦ୍ଧି, ରକ୍ତ ଭଣ୍ଡାର ଖୋଲିବା, ଷ୍ଟାଫ୍‌ନର୍ସ ସମେତ ଅନ୍ୟାନ୍ୟ ଖାଲି ପଡ଼ିଥିବା ପଦବୀ ପୂରଣ, ଡାକ୍ତରଙ୍କ ପାଇଁ ବାସଗୃହ ନିର୍ମାଣ ସହ ନୂତନ ଏକ୍ସ-ରେ ମେଶିନ ସ୍ଥାପନ ଆଦି ସମସ୍ୟା ବିଷୟରେ ବିଧାୟକ ଅବଗତ ହୋଇଥିଲେ।

ମଧ୍ୟାହ୍ନ ୧୨ଟାରେ ବିଧାୟକ ତେଲରାଇ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ କରିଥିଲେ। ଉକ୍ତ ବୈଠକରେ ବିଡିଓ ପ୍ରଦୀପ କର, ସରପଞ୍ଚ ମୁତା ସୋଡ଼ିଙ୍କ ସମେତ ପିଇଓ,ସମିତିସଭ୍ୟ ଓ ୱାର୍ଡମେମ୍ବରମାନେ ଉପସ୍ଥିତ ଥିଲେ। ଏହି ଜନଶୁଣାଣିରେ ପଞ୍ଚାୟତ ଲୋକମାନେ ନିଜ ନିଜ ଅଭିଯୋଗ ବିଧାୟକଙ୍କୁ ଜଣାଇଥିଲେ। ବିଧାୟକ ସମସ୍ତ ଲୋକ ପ୍ରତିନିଧିଙ୍କୁ ଭାଜପା ସରକାରଙ୍କ ଦ୍ୱାରା ଚାଲିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ସମସ୍ତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ କାଲିମେଳା ମଣ୍ଡଳ ସଭାପତି ରତ୍ନାକର ପାଣିଗ୍ରାହୀ, ମାଲାଭରମ୍ ମଣ୍ଡଳ ସଭାପତି ନାରାୟଣ ସରକାର, କାଲିମେଳା ବିଧାୟକ ପ୍ରତିନିଧି ହରବିଲାସ ମଣ୍ଡଳ, ଭାଜପା ନେତା ନୀହାର ରାୟ, ରାଜେଶ ରାୟ, ରାମଚନ୍ଦ୍ର ମାଢ଼ି, ମନୋଦୀପନ ରାୟ, ସୋମନାଥ ମାଢ଼ି, ବିଶିକେଶନ ଦାସ, ଉତ୍ତମ ରାୟ, ରାମଚନ୍ଦ୍ର ବେଟି ଓ ଅବଧୂତ ପ୍ରସାଦ ଦୁର୍ଗାଙ୍କ ସମେତ ଅନ୍ୟାନ୍ୟ କର୍ମୀ, ନେତାମାନେ ଉପସ୍ଥିତ ଥିଲେ।

## ଚାଉଳ ଚୋରା କାରବାର ଗାଡି ନ ଥିବାରୁ ଯାଇ ପାରିଲିନି: ଅତିରିକ୍ତ ଯୋଗାଣ ଅଧିକାରୀ

ମାଲକାନଗିରି,୫।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଚୋରା ଚାଉଳ ବେପାର ଦିନକୁ ଦିନ ବଢିବାରେ ଲାଗିଛି। ସୋମବାର ସକାଳୁ ବାହାର ରାଜ୍ୟରୁ ସରକାରଙ୍କ ପକ୍ଷରୁ ଯୋଗା ଯାଉଥିବା ଚାଉଳକୁ ମାଲକାନଗିରି ଅଣାଯାଉଥିବା ନେଇ ସୂଚନା ପାଇ କେତେକ ଗଣମାଧ୍ୟମ ପ୍ରତିନିଧି ଜିଲା ଅତିରିକ୍ତ ଯୋଗାଣ ଅଧିକାରୀଙ୍କୁ ଅବଗତ କରିଥିଲେ। ସେ କୌଣସି ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହୋଇଛି । ପ୍ରଥମେ ମାର୍କେଟିଂ ଇନ୍ସପେକ୍ଟରଙ୍କୁ ଯୋଗାଯୋଗ କରିବାରୁ ସେ ଘଟଣା ବିଷୟରେ ଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ କହିଥିଲେ। ଜିଲା ଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ପଦକ୍ଷେପ ନେଉଛି ବୋଲି କହିଥିଲେ। କୌଣସି ଅଧିକାରୀ କିଛି ପଦକ୍ଷେପ ନେଇ ନ ଥିବା ବେଳେ ଏନେଇ ମାଲକାନଗିରି ଅତିରିକ୍ତ ଯୋଗାଣ ଅଧିକାରୀ ବୁଦ୍ଧଦେବ ଜେନାଙ୍କୁ ଯୋଗାଯୋଗ କରିବାରୁ ମୁଁ ଜିଲାକୁ ନୂଆ ଆସିଛି। ମୋ ପାଖରେ ଗାଡି ନ ଥିବାରୁ ପଦକ୍ଷେପ ନେଇ ପାରି ନ ଥିଲି ବୋଲି ସେ କହିଥିଲେ।

# ବିସ୍ଫୋରକ ସାମଗ୍ରୀ,ପୋଷ୍ଟର ସହ ୨ ମାଓବାଦୀ ଗିରଫ

ମାଲକାନଗିରି,୫।୮ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲା ପୋଲିସ ୨ ଜଣ ମାଓବାଦୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ବିସ୍ଫୋରକ ସାମଗ୍ରୀ ଓ ପୋଷ୍ଟର ଜବତ କରିଛି। ଗିରଫ ଦ୍ୱୟ ହେଲେ ଗଡ୍ଡୁପଲ୍ଲୀ ହୁରେୟା ଓ ମଡକମ୍ ହିଡମ । ଏମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି । ସିଆର୍‌ପିଏଫ୍, କୋବ୍ରା ଓ ପାମେଡ ଥାନା ପୋଲିସ ମିଳିତ ଭାବେ ଜାରପଲ୍ଲୀ ଏବଂ ଏମପୁର ଅଞ୍ଚଳରେ କୋମ୍ବିଂ କରୁଥିଲେ । ଏହି ସମୟରେ


ଗିରଫ ୨ ମାଓବାଦୀ ।

ଜାରପଲ୍ଲୀରୁ ୨ ଜଣଙ୍କୁ ଗିରଫ ସହ ତାଙ୍କ ନିକଟରୁ ଟିଫିନ୍ ବୋମା କେତେକ ବିସ୍ଫୋରକ ଓ ପୋଷ୍ଟର ଜବତ କରିଛନ୍ତି।


ଜବତ ବିସ୍ଫୋରକ ସାମଗ୍ରୀ ।

# ୩ ମାଓବାଦୀ ସ୍ତୁପ ଧ୍ୱଂସ

ମାଲକାନଗିରି, ୫।୮ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲାରେ ମାଓବାଦୀ ବିରୋଧୀ ଅଭିଯାନ ସମୟରେ ଯବାନମାନେ ତିନୋଟି ସ୍ତୁପ ଧ୍ୱଂସ କରିଛନ୍ତି। ଡିଆର୍‌ଜି, ବସ୍ତର ଫାଇଟର, ଏବଂ ଭୈରମଗଡ଼ ଓ ଜଙ୍ଗଲା ଥାନା ପୋଲିସ ମିଳିତ ଭାବେ ହିଙ୍ଗୁମ ଓ ଝାରାମୋଙ୍ଗିଆ ଅଞ୍ଚଳକୁ କୋମ୍ବିଂ ପାଇଁ ଯାଇଥିଲେ। ଯବାନମାନେ ମିଳିତ ଭାବେ ଅପରେଶନ କରୁଥିବା ସମୟରେ ହିଙ୍ଗୁମ ଓ ଝାରାମୋଙ୍ଗିଆର ବିଭିନ୍ନ ସ୍ଥାନରେ ମାଓବାଦୀଙ୍କ ଦ୍ୱାରା ନିର୍ମିତ ୧୫ ରୁ ୨୦ ଫୁଟ ଉଚ୍ଚତାର ୩ ସ୍ତୁପ ଭାଙ୍ଗିବା ସହ ରାଜ୍ୟ ସରକାରଙ୍କ ମାଓବାଦୀ ଥଇଥାନ ଓ ପୁନର୍ବାସ ସମ୍ପର୍କରେ ଅଞ୍ଚଳବାସୀଙ୍କୁ ବୁଝାଇଥିଲେ। ଯୁବତୀଯୁବକଙ୍କୁ ପାଠ ପଢ଼ି ସମାଜର ମୁଖ୍ୟସ୍ରୋତରେ ସାମିଲହେବା ସହ ସୁନ୍ଦର ସମାଜ ଗଠନରେ ସହଯୋଗ କରିବାକୁ ପୋଲିସ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା।


ମାଓବାଦୀ ସ୍ତୁପ ଧ୍ୱଂସ କରାଯାଉଛି ।

# ବାଲିମେଳା ବସଷ୍ଟାଣ୍ଡ ଅବସ୍ଥା ଶୋଚନୀୟ: ଯାତ୍ରୀ ହନ୍ତସନ୍ତ

କୋରୁକୋଣ୍ଡା,୫।୮ (ଶିବଦତ୍ତ ସାହୁ)

ଦୟନୀୟ ଅବସ୍ଥାରେ ରହିଛି ବାଲିମେଳା ବସଷ୍ଟାଣ୍ଡ। ଖାଲ ଖମା ଯୋଗୁ ବର୍ଷା ଜଳ ଜମି ସୃଷ୍ଟି ହେଉଛି କୃତ୍ରିମ ଗାଡ଼ିଆ। ରାସ୍ତା ଫାଟି ଆଁ କରି ଦେଖାଗଲାଣି ଲୁହା ରଡ୍। ହନ୍ତସନ୍ତ ହେଉଛନ୍ତି ଯାତ୍ରୀ। ସବୁ ଜାଣି ନୀରବ ସାଜିଛି ସ୍ଥାନୀୟ ପ୍ରଶାସନ। ବାଲିମେଳା ବସ୍‌ଷ୍ଟାଣ୍ଡକୁ ଦୈନିକ ୫୦ରୁ ଊର୍ଦ୍ଧ୍ୱ ସରକାରୀ ଓ ବେସରକାରୀ ବସ୍ ଆସି ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼କୁ ଯାତାୟାତ କରିଥାଏ। ଶହ ଶହ ଯାତ୍ରୀ ଏହି ବସ୍‌ଷ୍ଟାଣ୍ଡ ଉପରେ ନିର୍ଭରଶୀଳ।



ବାଲିମେଳା ବସଷ୍ଟାଣ୍ଡ ପରିସରରେ ଖାଲଖମା ଯୋଗୁ ପାଣି ଜମି ରହିଛି ।

ତେବେ ବସ୍‌ଷ୍ଟାଣ୍ଡ ପରିସରରେ ଏପରି ଖାଲଖମା ହୋଇ ବର୍ଷାଜଳ ଜମୁଛି। ଯାହାଦ୍ୱାରା ଲୋକେ ଚାଲି ଯିବା କଷ୍ଟକର ହୋଇପଡୁଛି। ଏବଂ କେଉଁଠି କେଉଁଠି ତ ସିମେଣ୍ଟ କଂକ୍ରିଟ ମଧ୍ୟରୁ ଲୁହା ରଡ଼ ବାହାରକୁ ଦେଖାଗଲାଣି। ଏହି ବାହାରକୁ ବାହାରିଥିବା ଲୁହା ରଡ୍‌ରେ ଯାତ୍ରୀ ଝୁଣ୍ଟି ଆହତ ହେବାର ଦେଖିବାକୁ ମିଳୁଛି । କିନ୍ତୁ ସବୁ ଜାଣି ବି ଏଯାଏ ସ୍ଥାନୀୟ ପ୍ରଶାସନ ନୀରବ ଥିବା ଦେଖିବାକୁ ମିଳିଛି। ଏଥିସହ ବସ୍‌ଷ୍ଟାଣ୍ଡ ବିଲ୍ଡିଂ ମଧ ଏପରି ନିର୍ମାଣ ହୋଇଛି ଯେ ବର୍ଷା ଜଳ ବସଷ୍ଟାଣ୍ଡ ପରିସରକୁ ଯାଇ ସେଠାରେ ପାଣି ଜମି ରହୁଛି । ଯାତ୍ରୀ ଏଠାରେ ବିଶ୍ରାମ ନେବା ପାଇଁ ମଧ କଷ୍ଟକର ହୋଇପଡୁଛି। କେତେବେଳେ ଯେ ଭାଙ୍ଗି ଭୁଷୁଡିପଡିବ ତାହା କହିହେବ ନାହିଁ। ତେଣୁ ତୁରନ୍ତ ଏହି ବସ୍‌ଷ୍ଟାଣ୍ଡର ପୁନଃ ରୁଦ୍ଧାରକରି ସମ୍ମୁଖରେ ଥିବା ଖାଲଖମା ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ରଙ୍କୁ ପଚାରିବାରୁ ନୂତନ ବସ୍‌ଷ୍ଟାଣ୍ଡ ନିମନ୍ତେ ଡିପିଆର ପ୍ରସ୍ତୁତ ହୋଇ ପଠା ଯାଇଥିବା କହିଥିବା ବେଳେ କଂକ୍ରିଟ ଭାଙ୍ଗି ରଡ୍ ଦେଖା ଯାଉଥିବା ଓ ଖାଲଖମା ସ୍ଥାନ ମଧ ମରାମତି କରାଯିବ ବୋଲି ସେ କହିଛନ୍ତି ।

**KORAPUT CENTRAL CO-OPERATIVE BANK LTD.**
HEAD OFFICE: N.K.T. ROAD, JEYPORE-764003, DIST: KORAPUT (ODISHA)
Phone No.(06854) 241159/232717, Email:ceo@koraputccb.com

Letter No.1678/P&S/2024-25 Date:05.08.2024

**QUOTATION CALL NOTICE**

Sealed quotations are invited from the intending registered firm/ Architecture for preparation of Branch Bank Building of the Koraput Central Cooperative Bank Ltd., Jeypore.

The interested registered firm/ Architectures are requested to submit their sealed quotations before the undersigned on or before Dt.16.08.2024 (3.30 PM) latest alongwith 2% security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender as per following specification and the same will be opened on the same date at 4.00 PM in presence of the members or their authorized representatives.

Preference will be given to the intending registered firm/Architecture who successfully completed the contract more than Rs.50,00,000.00 (Rupees Fifty Lakhs) only alongwith proof of documents & qualification of the personnel should also be enclosed. The bidder must not be disqualified in any Department Work of Govt. of Odisha or at any Bank work. The interested registered firm/Architecture may visit (No T.A., D.A. & H.A. admissible by the Bank) the proposed sights of the KCC Bank Ltd., Jeypore by Dt.14.08.2024 within the office hour of the Bank (except public holidays).

| Sl. No. | Place | DPR to be prepared alongwith estimation cost & Architect design of the building |
|---|---|---|
| 1. | N.H. 26 IB Road side, near to Axis Bank, Jeypore, Plot No. | Construction of new Branch Building (G+1) |
| 2. | KCCB Ltd., Nabarangpur Branch, near to Banana Godown, At: Nabarangpur, Dist: Nabarangpur | Demolish the old building and construction of new building (G+2) |
| 3. | KCCB Ltd., Rayagada Branch, near to old Bus Stand, Rayagada | Demolish the old building and construction of new building (G+2) |
| 4. | KCCB Ltd., Koraput Branch At: Besides of SBI, Main Branch, Koraput | Construction of 1st Floor of the Branch Bank. |
| 5. | KCCB Ltd., Head Office, Old Building, At: NKT Road, Jeypore | Renovation & Beautification of KCCB Ltd., Head Officer, Old Building |

The quotation received incomplete or after the scheduled date shall be rejected and will not be entertained by the Bank. The short list shall be made basing upon the rates offered by the firms/Architecture. The authority reserves the right to reject all or any quotations without assigning any reason thereof. Taxes will be deducted as applicable at the time of payment of bill amount.

**Sd./- Secretary, K.C.C. Bank Ltd., Jeypore**

**ସଂକ୍ଷେପରେ**

## ୨ ବାଇକ୍ ମୁହାଁମୁହିଁ, ଜଣେ ମୃତ

ଝରିଗାଁ, ୫।୮ (କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ଧୋଡ୍ରା ମୁଖ୍ୟ ସଡ଼କରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ଜଣକର ମୃତ୍ୟୁ ଘଟିଛି। ମୃତକ ହେଲେ ଉମରକୋଟ ଥାନା ଖୁଟୁଗୁଡ଼ା ଗ୍ରାମର ଉଦ୍ଧବ ପନକା (୩୦)। ଏହି ଦୁର୍ଘଟଣାରେ ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଖୁଟୁଗୁଡ଼ା ଗ୍ରାମର ମଧୁ କଲାର(୩୫), ମୋତିରାମ ରାଜଗଣ୍ଡ (୩୦) ଓ କୋଡିଗାଁ ଥାନା ଅଧୀନ ସାନଗୁମୁଡ଼ା ଗ୍ରାମର ରବି ମାଳୀ। ସୂଚନାନୁଯାୟୀ, ଉଦ୍ଧବ, ମଧୁ ଓ ମୋତିରାମ ଗୋଟିଏ ବାଇକ୍‌ରେ ଧୋଡ୍ରା ଗ୍ରାମକୁ କୌଣସି ଏକ କାମରେ ଯାଇଥିଲେ। ସେଠାରୁ ଖୁଟୁଗୁଡ଼ା ଫେରିବାବେଳେ ବିପରୀତ ଦିଗରୁ ଆସୁଥିବା ରବିଙ୍କ ଗାଡ଼ି ସହ ସେମାନଙ୍କର ବାଇକ୍ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଉଦ୍ଧବଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତକରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରାଥମିକ ଚିକିତ୍ସା ପରେ ୩ ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଅବକାରୀ ଚଢ଼ାଉ

ଜୟପୁର, ୫।୮ (ପବନ ପାଣିଗ୍ରାହୀ)

ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ଓ ସଦର ପୋଲିସ ପକ୍ଷରୁ ମିଳିତ ଭାବେ ନିଳାଗୁଡା ଓ ଦୁର୍ଗାଭଟ୍ଟା ଜଙ୍ଗଲରେ ସୋମବାର ଚଢ଼ାଉ କରାଯାଇଛି। ମଦ ବ୍ୟବସାୟୀମାନେ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଏହି ଚଢ଼ାଉ କରାଯାଇଥିଲା। ବିଭାଗୀୟ କର୍ମଚାରୀ ଓ ପୋଲିସକୁ ବ୍ୟବସାୟୀମାନେ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରୁ ୫ ହଜାର ୫ ଶହ ଲିଟର ପୋଚ ଓ ୩ ଶହ ଲିଟର ଦେଶୀ ମଦ ଜବତ ସହ ନଷ୍ଟକରି କର୍ମଚାରୀମାନେ ଫେରିଥିବା ଅବକାରୀ ନିରୀକ୍ଷକ ଶଶିକାନ୍ତ ଦଣ୍ଡ କହିଛନ୍ତି। ସେହିପରି ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ପୋଲିସ ରବିବାର ଚଢ଼ାଉକରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଅନ୍ତା ଗ୍ରାମର ସୁବାସ ବାଘ (୨୬)। ତାଙ୍କଠାରୁ ୨୨ ଲିଟର ଦେଶୀ ମଦ ଓ ବାଇକ୍ ଜବତ ହୋଇଥିବା ଓଆଇସି ନୀଳାଦ୍ରି ବିହାରୀ ମିଶ୍ର କହିଛନ୍ତି।

## ସାଗରର ବିକାଶ କାର୍ଯ୍ୟ ତଦାରଖ

ଜୟପୁର, ୫।୮ (ପବନ ପାଣିଗ୍ରାହୀ)

ଜଗନ୍ନାଥ ସାଗରର ବିକାଶ କାର୍ଯ୍ୟ ଚାଲିଛି। ଏନେଇ ସୋମବାର ଜଗନ୍ନାଥ ସାଗର ଟ୍ରଷ୍ଟର ସଦସ୍ୟମାନେ ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ସାକ୍ଷାତ କରିଥିଲେ। ସାଗର ବିକାଶର ବର୍ତ୍ତମାନ ସ୍ଥିତି କଣ ରହିଛି ଏବଂ କ'ଣ ଯୋଜନା ରହିଛି ସେ ନେଇ ଆଲୋଚନା କରିଥିଲେ। ଆଲୋଚନା ସମୟରେ ଯନ୍ତ୍ରୀ ବିଶ୍ୱନାଥ ପାତ୍ର, କନିଷ୍ଠ ଯନ୍ତ୍ରୀ ପ୍ରତାପ ଆଚାର୍ଯ୍ୟ, ଅଜୟ ଜାନି ଉପସ୍ଥିତ ଥିଲେ।

# ନ୍ୟାୟ ଦାବିରେ ଜିଲାପାଳଙ୍କୁ ଭେଟିଲେ ବଳାତ୍କାର ପୀଡ଼ିତା

### ଦୋଷୀଙ୍କ ବିରୋଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ଜିଲାପାଳଙ୍କ ପ୍ରତିଶ୍ରୁତି

ନବରଙ୍ଗପୁର, ୫।୮ (ସଦାଶିବ ପ୍ରହରାଜ)

ଭୟ ଦେଖାଇ ବଳାତ୍କାର କଲେ। ପୀଡ଼ିତା ଗର୍ଭବତୀ ହେବାପରେ ତାଙ୍କ ଗର୍ଭନଷ୍ଟ କରାଇଲେ। ଏ ନେଇ ୧୪ ଦିନ ତଳେ ଥାନାରେ ଅଭିଯୋଗ କରିବା ପରେ ମଧ୍ୟ କୌଣସି ପଦକ୍ଷେପ ନ ନେବାରୁ ପୀଡ଼ିତା ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଏ ନେଇ ଜିଲା ପ୍ରଶାସନର ଜଣାଇଛନ୍ତି। ପୀଡ଼ିତା ଜଣଙ୍କ ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ଗତ ଫେବୃଆରୀ ମାସରେ ଘରେ କେହି ନ ଥିବାରୁ ସୁଯୋଗ ନେଇ ସୌମ୍ୟ ରଞ୍ଜନ ମେହେର ନାମକ ଜଣେ ଯୁବକ ବଳାତ୍କାର କରିଥିଲେ। ଏହାପରେ ଭୟ ଦେଖାଇ ବାରମ୍ବାର ବଳାତ୍କାର କରି ଆସୁଥିଲେ। ଏହାପରେ ପୀଡ଼ିତା ଗର୍ଭବତୀ ହୋଇଥିଲେ। ପରେ ସୌମ୍ୟଙ୍କ ବାପା ଗର୍ଭନଷ୍ଟ ପାଇଁ କିଛି ଔଷଧ ଖୁଆଇ ଥିଲେ। ଅଧିକ ରକ୍ତସ୍ରାବ ହେବାରୁ ପୀଡିତାଙ୍କୁ ଡାକ୍ତରଖାନା ନେଇଥିଲେ। ପରିବାର ଲୋକ ଏ ସମ୍ପର୍କରେ ଜାଣିବା ପରେ ଡାବୁଗାଁ ଥାନାରେ ୧୪ ଦିନ ତଳେ ଅଭିଯୋଗ କରିଥିଲେ। କିନ୍ତୁ ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଇ ନ ଥିଲା। ଏହାପରେ ନିରାଶ ହୋଇ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିବା ପୀଡ଼ିତା କହିଛନ୍ତି। ଦୋଷୀଙ୍କ ବିରୋଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କମଳ ଲୋଚନ ମିଶ୍ର ଓ ଅତିରିକ୍ତ ଏସ୍‌ପି ବଟକୃଷ୍ଣ ମିଶ୍ର ପ୍ରତିଶ୍ରୁତି ଦେଇଛନ୍ତି।

## ଅଭିଯୋଗ ଶୁଣି ସମାଧାନ ନିର୍ଦ୍ଦେଶ



ଜିଲାପାଳ ଓ ଅନ୍ୟ ଅଧିକାରୀଙ୍କ ସମେତ ସହାୟତା ପାଇଥିବା ହିତାଧିକାରୀ।

### ନବରଙ୍ଗପୁର ପୌରପାଳିକାରେ ଯୁଗ୍ମ ଅଭିଯୋଗ ଶୁଣାଣି

ନବରଙ୍ଗପୁର, ୫।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ପୌରପାଳିକା ସଭାଗୃହରେ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ବିଭିନ୍ନ ଅଞ୍ଚଳରୁ ନିଜର ବ୍ୟକ୍ତିଗତ, ସାମୁହିକ ଆପତ୍ତି ଅଭିଯୋଗ ସମାଧାନ ଜଣାଇବାକୁ ୩୮ ଜଣ ନାମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୩୧ ବ୍ୟକ୍ତିଗତ ଓ ୭ଟି ଦଳଗତ ସମସ୍ୟା ପଞ୍ଜିକୃତ ହୋଇଛି। ପ୍ରଧାନମନ୍ତ୍ରୀ ଆବାସ, ଜମି ବିବାଦ, ରିହାବିଲେସନ ସ୍କିମରେ ନିଯୁକ୍ତି, ଗଣଶିକ୍ଷକ ନିଯୁକ୍ତି, ଜେଏନ୍‌ଭିରେ ଆଡମିସନ, ଭାରତମାଳ ପ୍ରକଳ୍ପର ଅନୁକମ୍ପା ରାଶି ପ୍ରଦାନ, ଜଙ୍ଗଲ ଜମି ବିବାଦ, ଅଙ୍ଗନୱାଡି କର୍ମୀ ନିଯୁକ୍ତିରେ ଅନିୟମିତତା, ପୋଲିସ କେଶ୍ ସମ୍ପର୍କରେ ଜିଲାପାଳ ଡଃ କମଳ ଲୋଚନ ମିଶ୍ର ଶୁଣାଣି କରିଥିଲେ। ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଜନଶୁଣାଣି ଶିବିରରେ ୯ଟି କେଶ୍‌ର ତୁରନ୍ତ ସମାଧାନ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଜଣଙ୍କୁ ଟ୍ରାଇ ସାଇକେଲ, ୧୧ ଜଣଙ୍କୁ ମଧୁବାବୁ ପେନସନ, ୧୦ ଜଣଙ୍କୁ ନିର୍ମାଣ ଶ୍ରମିକ ସହାୟତା ଜିଲାପାଳ ପ୍ରଦାନ କରିଥିଲେ। ଏହି ଯୁଗ୍ମ ଅଭିଯୋଗ ଜନଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲାପରିଷଦ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଟକୃଷ୍ଣ ମିଶ୍ର, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ପୌରାଧ୍ୟକ୍ଷ କୁନୁ ନାୟକ, ନିର୍ବାହୀ ଅଧିକାରୀ ପୌରପାଳିକା ଶଙ୍କର କେରକେଟା, ସିଡିଏମ୍‌ଓ ଡା ମଳୟ କୁମାର ତ୍ରିପାଠୀ, ପି ଏ ଆଇଟିଡିଏ ସଞ୍ଜୀବ କୁମାର ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲା ବେସାମରିକ ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ, ଡିଇଓ ଛତ୍ରପତି ସାହୁଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ପୌରପାଳିକା କର୍ମଚାରୀ ପ୍ରମୁଖ ଯୋଗଦେଇ ଥିଲେ।

## ପାଣି ଟ୍ୟାଙ୍କରକୁ ଧକ୍କାଦେଲା ବାଇକ୍, ଯୁବକଙ୍କ ମୃତ୍ୟୁ

ଝରିଗାଁ, ୫।୮ (କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଧୀନ ଦେଉଲକଣା ଗ୍ରାମରେ ପାଣି ଟ୍ୟାଙ୍କର ସହ ବାଇକ୍ ଧକ୍କାହେବା ଫଳରେ ଜଣେ ଯୁବକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ହେଲେ ସିନ୍ଧିଗୁଡ଼ା ଗ୍ରାମର ବୈଶିଷ୍ଟ ମାଝୀ(୨୦)।

ସୂଚନାନୁଯାୟୀ, ବୈଶିଷ୍ଟ ଗାଁର ବିଶ୍ୱମ୍ଭର ଭତ୍ରାଙ୍କ ସହ ଏକ ବାଇକ୍ ଯୋଗେ ଅମୂସ ପରବ ପାଳନ କରିବା ପାଇଁ କୁହୁରାକୋଟ ଗ୍ରାମସ୍ଥିତ ମାମୁଘରକୁ ଯାଉଥିଲେ। ତେବେ ଦେଉଲକଣା ଗ୍ରାମ ହାଟପଦା ନିକଟରେ ରହିଥିବା ଏକ ପାଣି ଟ୍ୟାଙ୍କର ସହ ସେମାନଙ୍କର ଧକ୍କାହୋଇଥିଲ। ଘଟଣାସ୍ଥଳରେ ବୈଶିଷ୍ଟଙ୍କର ମୃତ୍ୟୁ ହୋଇଥିବାବେଳେ ବିଶ୍ୱମ୍ଭର ଗୁରୁତର ହୋଇଥିଲେ। ଦୁର୍ଘଟଣା ପରେ ଦେଉଲକଣା ଗ୍ରାମର କେତେଜଣ ଲୋକ ପରିବାର ଲୋକଙ୍କୁ ଖବରଦେବା ସହ ଏକ ବେସରକାରୀ ଗାଡ଼ିରେ ଉଭୟଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ। ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବିଶ୍ୱମ୍ଭରଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ସୂଚନା ମିଳିଛି।

## ରୋମିଓ ଓଡ଼ିଶା ବଡିବିଲଡର୍ସ ଆସୋସିଏଶନ୍‌ର ସମ୍ପାଦକ

ନବରଙ୍ଗପୁର, ୫।୮ (ସଦାଶିବ ପ୍ରହରାଜ)



ରୋମିଓ ପାତ୍ର।

ଓଡ଼ିଶା ବଡିବିଲଡର୍ସ ଆସୋସିଏସନ ସମ୍ପାଦକଭାବେ ଦ୍ୱିତୀୟ ଥର ପାଇଁ ନବରଙ୍ଗପୁରର ରୋମିଓ ପାତ୍ର ନିର୍ବାଚିତ ହୋଇଛନ୍ତି। ରବିବାର ଭୁବନେଶ୍ୱରସ୍ଥିତ ଗୌରୀପାର୍କ ନିବାସ ରାଜ୍ୟର ସମସ୍ତ ଜିଲାର ଆସୋସିଏସନ ସଦସ୍ୟମାନଙ୍କୁ ନେଇ ହୋଇଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ପ୍ରକାଶ ଯେ, ବଡିବିଲ୍ଡିଂ କ୍ଷେତ୍ରରେ ସେ ନବରଙ୍ଗପୁରକୁ ରାଜ୍ୟ ଏବଂ ଜାତୀୟସ୍ତରରେ ବହୁବାର ଗର୍ବିତ କରାଇଛନ୍ତି। ରୋମିଓ ପାତ୍ର ନବରଙ୍ଗପୁର ଗୌଶିକ ଫିଟନେସ ପାର୍କ ଜିମର ପ୍ରତିଷ୍ଠାତା। ତାଙ୍କଠାରୁ ତାଲିମ ପାଇ ଏହି ଜିମ୍‌ର ଅନେକ ସଦସ୍ୟ ରାଜ୍ୟ ଏବଂ ଜାତୀୟସ୍ତର ପ୍ରତିଯୋଗିତାରେ ଭାଗ ନେଇ ସ୍ୱର୍ଣ୍ଣ ପଦକ ହାସଲ କରି ଏବେ କ୍ରୀଡା ବର୍ଗରେ ସରକାରୀ ଚାକିରି ପାଇଛନ୍ତି। ରୋମିଓ ପାତ୍ର ଯୁବଗୋଷ୍ଠୀଙ୍କୁ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ କରାଇବା ଲକ୍ଷ୍ୟ ନେଇ ଦୀର୍ଘ ବର୍ଷ ହେଲା ବଡିବିଲ୍ଡିଂ କ୍ଷେତ୍ରରେ ନିଜର ପରିଶ୍ରମ ଜାରି ରଖିଛନ୍ତି। ଅନ୍ୟପକ୍ଷରେ ରୋମିଓ ଜାତୀୟ ବଡିବିଲ୍ଡିଂ ପ୍ରତିଯୋଗିତାର ବିଚାରକ ହେବାର ସ୍ୱୀକୃତି ପାଇଛନ୍ତି।

## ଶୈବପୀଠରେ ବୋଲବମ୍ ଭକ୍ତଙ୍କ ଭିଡ଼

ଡାବୁଗାଁ, ୫।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)

ଶ୍ରାବଣ ମାସର ତୃତୀୟ ସୋମବାର ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ କେଲିଆ ଶୈବପୀଠରେ ସକାଳୁ ବୋଲ୍‌ବମ ଭକ୍ତଙ୍କ ଭିଡ଼ ଜମିଥିଲା। ଭୋର ୩ଟାରୁ କେଲିଆ ଶୈବପୀଠରେ ଭକ୍ତମାନେ ପହଞ୍ଚି ଧାଡ଼ି ବାନ୍ଧି ଜଣେ ଜଣେ ବାବା ଝାଡ଼େଶ୍ୱର ମହାଦେବଙ୍କୁ ଜଳାଭିଷେକ କରିଥିଲେ। ଶାନ୍ତି ଶୃଙ୍ଖଳାର ସହ କାଉଡ଼ିଆମାନେ ଶ୍ରୀ ଝାଡେଶ୍ୱର ମହାଦେବଙ୍କୁ ଜଳ ଲାଗି କରିବା ସହ ଦର୍ଶନ କରିଥିଲେ। ଏଠାରେ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଏହା ସହ ଡାବୁଗାଁ, ବିରିସୋଲା, ଜୁନାପାଣିସ୍ଥିତ ଶିବ ମନ୍ଦିରରେ ମଧ୍ୟ କାଉଡ଼ିଆଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବିଭିନ୍ନ ଶୈବପୀଠରେ ଭକ୍ତ ମାନଙ୍କ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଡାବୁଗାଁ ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା।



କେଲିଆ ଶୈବପୀଠରେ ଜଳଲାଗି କରିବାକୁ କାଉଡ଼ିଆମାନେ ଯାଉଛନ୍ତି।

# ପଢ଼ାଇଲେ, ପିଲାଙ୍କ ସହ ମଧ୍ୟାହ୍ନଭୋଜନ କଲେ ବିଡିଓ



ବିଡିଓ ଶ୍ରେଣୀଗୃହରେ ପିଲାମାନଙ୍କୁ ପଢ଼ାଉଛନ୍ତି।

### ପୂଜାରିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ତେନ୍ତୁଲିଖୁଣ୍ଟି, ୫।୮ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ପୂଜାରିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସୋମବାର ବିଡିଓ ମନୋଜ କୁମାର ପାଣିଗ୍ରାହୀ ଅଚାନକ ଗସ୍ତ କରିଥିଲେ। ସେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ଖାଦ୍ୟ ପ୍ରସ୍ତୁତି ଯାଞ୍ଚ ସହ ଚାଉଳ ମାନ ପରଖିଥିଲେ। ଏହାପରେ କ୍ଲାସ୍ ରୁମ୍‌କୁ ଯାଇ ବିଡିଓ ପିଲାମାନଙ୍କୁ ପଢ଼ାଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ପାଠପଢ଼ା ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ତ ବିଷୟ ଠିକ୍‌ଭାବେ ପଢ଼ାଇବାକୁ ବିଡିଓ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ମୋଟ ୧୭୪ ପିଲାଙ୍କ ମଧ୍ୟରୁ ସୋମବାର ମାତ୍ର ୧୧୦ ଜଣ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ସହ ଆଲୋଚନାକରି ଉପସ୍ଥାନକୁ ଶତ ପ୍ରତିଶତ କରିବାକୁ ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଡିଓ ପରାମର୍ଶ ଦେଇଥିଲେ। ମଧ୍ୟାହ୍ନଭୋଜନର ଖାଦ୍ୟ ମେନୁ ଅନୁଯାୟୀ ପିଲାମାନଙ୍କୁ ଉତ୍ତମ ଖାଦ୍ୟ ଦେବାକୁ ପରାମର୍ଶ ଦେଇଥିଲେ। ବିଡିଓ ପାଣିଗ୍ରାହୀ ଛାତ୍ରୀଛାତ୍ରଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ। ଏବିଇଓ ମୋହନ ମଧୁସୂଦନ ବାଘ୍ ମଧ୍ୟ ବିଦ୍ୟାଳୟରେ ପିଲାଙ୍କ ସହ ମଧ୍ୟାହ୍ନଭୋଜନ ଖାଇଥିଲେ।

## ଉମାକାନ୍ତ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

କୋରାପୁଟ, ୫।୮ (ଅମିତାଭ ବେହେରା)

କୋରାପୁଟ ଆଦିବାସୀ ସଂଗ୍ରହାଳୟ ସମ୍ମିଳନୀ ଗୃହ ପରିସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ, ସାହିତ୍ୟିକ, ତଥା କୋରାପୁଟ ଶ୍ରୀଜଗନ୍ନାଥ ମନ୍ଦିରର ଆଜୀବନ ସଦସ୍ୟ ଉମାକାନ୍ତ ଦାଶଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। କୋରାପୁଟ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ କୋରାପୁଟ ସାହିତ୍ୟ ପରିବାରର ମିଳିତ ଆନୁକୂଲ୍ୟରେ ହୋଇଥିବା କାର୍ଯ୍ୟକ୍ରମରେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ ଜଗବନ୍ଧୁ ସାମଲ ଅଧ୍ୟକ୍ଷତା କରିଥିଲେ। ସଭା ସାହିତ୍ୟ ସଂସଦ ସମ୍ପାଦକ ଜୟନ୍ତ ମିଶ୍ର, ନାରାୟଣ ପଣ୍ଡା, କୋଟସ ନିର୍ଦ୍ଦେଶକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, କୋରାପୁଟ ସାହିତ୍ୟ ପରିବାରର ପ୍ରୀତିଧାରା ସାମଲ ଓ କବି ରବି ଶତପଥୀ ପ୍ରମୁଖ ସ୍ୱର୍ଗତ ଉମାକାନ୍ତ ଦାଶଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ମୃତିରେ ସ୍ମୃତିରେ ଉମା ସାର ଶୀର୍ଷକ ଏକ ସ୍ମରଣିକା ଉନ୍ମୋଚନ ହୋଇଥିଲା। କୋରାପୁଟ ଜିଲା ଓ ଜିଲା ବାହାରର ବହୁ ସାହିତ୍ୟିକ, କବି, ପ୍ରାବନ୍ଧିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଚାଷୀଙ୍କୁ ଠକେଇରୁ ବଞ୍ଚାଇବ ଡିଜିଟାଲ କ୍ରପ୍ ସର୍ଭେ

ଡାବୁଗାଁ, ୫।୬ (ପ୍ରଜ୍ଞାରଞ୍ଜନ ପରିଡ଼ା)

- ଡିଜିଟାଲ କ୍ରପ୍ ସର୍ଭେ ସମ୍ପର୍କିତ ବୈଠକ
- ଅଗଷ୍ଟ ୧୬ରୁ ଆରମ୍ଭହୋଇ ସେପ୍ଟେମ୍ବର ୧୫ ଯାଏ ଚାଲିବ

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ସଦର ମହକୁମାସ୍ଥିତ କୃଷି, ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ଡିଜିଟାଲ କ୍ରପ୍ ସର୍ଭେ ନେଇ ଏକ ବୈଠକ ବିଡିଓ ଶରତ ମାଝିଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷକମାନଙ୍କର ଜମିରେ ଚାଷ କରାଯାଇଥିବା ବିଭିନ୍ନ ପ୍ରକାର ଫସଲ ଡିଜିଟାଲ ମାଧ୍ୟମରେ ସର୍ବେକ୍ଷଣ କରାଯିବ। ଫଳରେ ଚାଷୀମାନେ ଠକାମିରୁ ବଞ୍ଚିତ ହେବେ। ସର୍ଭେୟର ଯଥା କୃଷକସାଥୀ, ପ୍ରାଣୀମିତ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ମୋବାଇଲ ମାଧ୍ୟମରେ ଫସଲ ସର୍ବେକ୍ଷଣ କରିବେ। ଏହି ସର୍ଭେୟରମାନଙ୍କୁ ନିରୀକ୍ଷଣ କରିବାକୁ ସୁପରଭାଇଜର ଓ ଭେରିଫାୟାରଙ୍କୁ ନିୟୋଜିତ କରାଯିବ। ଏହି ସର୍ଭେରେ ବିଭିନ୍ନ ବିଭାଗର କର୍ମଚାରୀ ମଧ୍ୟ ନିୟୋଜିତ ହେବେ। ସର୍ଭେ ଅଗଷ୍ଟ ୧୬ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଚାଲିବ। ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ବିଶ୍ୱାସ, ସହକାରୀ ଉଦ୍ୟାନ ଅଧିକାରୀ ରବିଶଙ୍କର ପଣ୍ଡା, ରାଜସ୍ୱ ନିରୀକ୍ଷକ ଚୈତନ୍ୟ ବେହେରା, ଗଙ୍ଗାଧର ମହାକୁଡ, ଯୋଗେଶ ପ୍ରସାଦ ଦାସ ଓ କେ. ମଦାଳସା, ମୃତ୍ତିକା ସଂରକ୍ଷଣ ରେଞ୍ଜର ନିରୋଜ କୁମାର ମଲ୍ଲିକ, ଷ୍ଟାଟିଷ୍ଟିକ୍ କ୍ଷେତ୍ର ପରିଦର୍ଶକ ଗୁପ୍ତପ୍ରସାଦ ମଲ୍ଲିକ, ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ସଙ୍ଗୀତା ସାମଲ, କୃଷି ଅଧିଦର୍ଶକ ମମତା ସାହୁ, ନୀଳକଣ୍ଠ ପଣ୍ଡା, ସୁଶାନ୍ତ କୁମାର ରାଉତ, ଏଟିଏମ୍ କେ. ଉଦୟା କୁମାରୀ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ୩ ମାସରେ ରାସ୍ତାରୁ ଉଠିଲା ପେଭରବ୍ଲକ

### ପୌରସଂସ୍ଥା ନିମ୍ନମାନର କାର୍ଯ୍ୟ ଅଭିଯୋଗ

ନବରଙ୍ଗପୁର, ୫।୮ (ସଦାଶିବ ପ୍ରହରାଜ)

ପୌରସଂସ୍ଥା ଲୋକମାନଙ୍କୁ ମୌଳିକ ସୁବିଧା ଯୋଗାଇବାକୁ ବାର୍ଷିକ କର ଆଦାୟ କରୁଛି। ତେବେ ଅନେକ ସାହି ବାସିନ୍ଦା ପ୍ରକୃତରେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏକ ରାସ୍ତା ନିର୍ମାଣକୁ ୩ ମାସ ନ ବିତୁଣୁ ତାହା ଭୁଶୁଡି ପଡ଼ିଛି। ଏହିଭଳି ଦୃଶ୍ୟ ନବରଙ୍ଗପୁର ପୌରପରିଷଦ ଅଧୀନ ୧୬ ନମ୍ବର ୱାର୍ଡରେ ଦେଖିବାକୁ ମିଳିଛି।

ନବରଙ୍ଗପୁର ପୌରସଂସ୍ଥା ଅଧୀନ ୧୬ ନମ୍ବର ୱାର୍ଡ ଭାଟିଶାଳଗୁଡ଼ା ଅଞ୍ଚଳ ସହରର ସବୁଠାରୁ ବଡ଼। ଏଠାରେ ଜନସଂଖ୍ୟା ଅଧିକ। ଦିନକୁ ଦିନ ସହର ଓ ଘର ସଂଖ୍ୟା ବଢୁଛି। ଦୀର୍ଘବର୍ଷ ହେବ ଏହି ୱାର୍ଡରେ ରାସ୍ତା ନ ଥିଲା। ତେଣୁ ପକ୍କା ରାସ୍ତାଟିଏ ପାଇଁ ଲୋକଙ୍କ ଦାବି ଥିଲା। ଏନେଇ ଲକ୍ଷାଧିକ ଟଙ୍କା ପୌରସଂସ୍ଥା ପକ୍ଷରୁ ଖର୍ଚ୍ଚ କରାଯାଇ ପେଭରବ୍ଲକ ରାସ୍ତା ତିଆରି ହେଲା। ଲକ୍ଷାଧିକ ଟଙ୍କାରେ ନିର୍ମାଣ ହୋଇଥିବା ଏହି ରାସ୍ତା ଏତେ ନିମ୍ନମାନର ଯେ ସୁରକ୍ଷା ୱାଲ(କାନ୍ଥ) ସହିତ ପେଭରବ୍ଲକ ସବୁ ବାହାରି ପଡୁଛି। ମେଟାଲ କଂକ୍ରିଟ ଆଚ୍ଛାଦିତ ପରେ ଅନ୍ୟୁନ୍ନ ୨ ଇଞ୍ଚ ବାଲି ପକାଇ ତାହା ଉପରେ ପେଭର ପକାଇବା ନିୟମ ରହିଛି। ବିନା ବାଲିରେ ପେଭରବ୍ଲକ ଗୁଡିକ ପକା ଯାଇ ତାହା ଉପରେ କିଛି ବାଲି ବିଂଛି ଦିଆ ଯାଉଛି। ଠିକାଦାର ଓ ଯନ୍ତ୍ରୀଙ୍କ ମନମୁଖୀ କାମ ଯୋଗୁ ଏହିଭଳି ରାସ୍ତା ନିର୍ମାଣ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏହି ଲକ୍ଷାଧିକ ଟଙ୍କାର ରାସ୍ତା ୩ ମାସ ପୁରି ନ ଥିବାବେଳେ ସୁରକ୍ଷା କାନ୍ଥ ଭଙ୍ଗିଯିବା ସହିତ ପେଭରବ୍ଲକ ଗୁଡିକ ବାହାରି ପାଣିରେ ଭାସିଯାଉଛି।



ଭାଙ୍ଗିଯାଇଥିବା ରାସ୍ତା।

ଭଟିଶାଳଗୁଡ଼ା ସାହିର ଅନେକ ସାହି ଗଳିରେ ପେଭର ବ୍ଲକ ରାସ୍ତା କରାଯାଉଛି। ମୁଖ୍ୟ ରାସ୍ତାକୁ ବାହାରିବା ପାଇଁ କଲଭଟ ଓ ଡ୍ରେନ ବ୍ୟବସ୍ଥା କରାଯାଉ ନାହିଁ। ସାହି ବାସିନ୍ଦା ମୁଖ୍ୟ ରାସ୍ତାକୁ ବାହାରିବା ପାଇଁ ନିଜ ବ୍ୟବସ୍ଥା କରିବାକୁ ପଡୁଛି। ଅନ୍ୟପକ୍ଷରେ କୌଣସି ଉନ୍ନୟନ କାର୍ଯ୍ୟ ରାସ୍ତା, ଡ୍ରେନ ଆଦି ନିର୍ମାଣ ପୂର୍ବରୁ ସୂଚନା ଫଳକ ଲଗାଇବା ନିୟମ ସହ ଏ ନେଇ ସ୍ୱତନ୍ତ୍ର ଅନୁଦାନ ମଧ୍ୟ ରହିଛି। କିନ୍ତୁ ଏଠାରେ ନିୟମ ଖିଲାପ କରାଯାଉଛି। କୌଣସି ସ୍ଥାନରେ ସୂଚନା ଫଳକ ଲଗାଯାଉନାହିଁ। ଜେଇ ବିଶ୍ୱପ୍ରିୟ ଦାଶଙ୍କୁ ଭୁଶୁଡି ପଡିଥିବା ପେଭର ବ୍ଲକ ରାସ୍ତା କେତେ ବ୍ୟୟ ଅଟକଳରେ ତିଆରି ହୋଇଥିଲା ଓ ସୂଚନା ଫଳକ ଲାଗିନାହିଁ ବୋଲି ପଚରିବାରୁ ସୂଚନା ଫଳକ ସବୁଜ ରଙ୍ଗର ଲାଗିଛି ବୋଲି କହିଥିଲେ। ଫଳକ କୌଣସି ସ୍ଥାନରେ ନ ଥିବା କହିବା ପରେ ଆବାକ ହୋଇଯାଇଥିଲେ। ରାସ୍ତା କେଉଁ ଠିକାଦାର କରିଛନ୍ତି ପଚରିବାରୁ ସ୍ୱୟଂ ସହାୟକ ଗୋଷ୍ଠୀ କରିଛି ବୋଲି କହିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ନାଁ କହି ପାରିଲେ ନାହିଁ। କେତେ ଖର୍ଚ୍ଚ ହୋଇଛି ବୋଲି ପଚରିବାରୁ ଫାଇଲ ଦେଖିଲେ କହିହେବ। ସ୍କୋୟାର ମିଟର ୬୨୫ ଟଙ୍କା ଖର୍ଚ୍ଚ ହେଉଛି ବୋଲି କହିଥିଲେ। ୩ ବର୍ଷ ପାଇଁ ମରାମତି ଖର୍ଚ୍ଚ ରଖାଯାଇଛି ରାସ୍ତା ନିର୍ମାଣ ପରେ ତାହା କରିଦିଆଯିବ ବୋଲି କହିଥିଲେ। ଅଭିଯୋଗଗୁଡ଼ିକ ଆସୁଛି ତାହାକୁ ଗୁରୁତ୍ୱ ଦେଇ ତୁରନ୍ତ କାର୍ଯ୍ୟ କରନ୍ତୁ ବୋଲି ଜେଇ ଦାଶଙ୍କୁ ପୌରାଧ୍ୟକ୍ଷ କୁନୁ ନାୟକ କହିଛନ୍ତି। ନିମ୍ନମାନର କାର୍ଯ୍ୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି।

